RNI No.ODIODI/2010/33031
୧୭ ବର୍ଷ Volume-17
ISSUE -222 ସଂଖ୍ୟା-୨୨୨
ଭୁବନେଶ୍ୱର, ଶୁକ୍ରବାର ୨୦ ନଭେମ୍ବର ୨୦୨୬
Bhubaneswar, Friday 20 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ହରିପୁର ନିକଟରେ ହୋଇପାରେ ଲ୍ୟାଣ୍ଡଫଲ୍

ଭୁବନେଶ୍ୱର, ୧୯।୧୧(ନି.ପ୍ର.): ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'ର ମୁକାବିଲା ଓ ପ୍ରସ୍ତୁତି ନେଇ ଆଜି ପୁଣି ଥରେ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଗତକାଲି ପରି ଆଜି ମଧ୍ୟ ବାତ୍ୟା ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି 'ଜିରୋ କାଜୁଆଲ୍‌ଟି' ଲକ୍ଷ୍ୟ ନେଇ ସମସ୍ତ ପଦକ୍ଷେପ ନିଆଯାଉଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଅଛି । ଏହି ଲକ୍ଷ୍ୟ ନିଶ୍ଚିତ ଭାବେ ହାସଲ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ପ୍ରକାଶ କରିଛନ୍ତି ।

ପ୍ରସ୍ତୁତି ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ

ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ବାତ୍ୟା 'ଅକଓ୍ୱାନ' ଆସନ୍ତାକାଲି (୨୦ ନଭେମ୍ବର) ମଧ୍ୟାହ୍ନରେ, ଗୋପାଳପୁର ନିକଟରେ ହରିପୁର ଠାରେ ସ୍ଥଳଭାଗ (ଲ୍ୟାଣ୍ଡଫଲ୍) ଛୁଇଁବାର ସମ୍ଭାବନା ରହିଛି । ଏହାର ମୁକାବିଲା ପାଇଁ ରାଜ୍ୟର ୨୦ଟି ଜିଲ୍ଲାରେ ବ୍ୟାପକ ପ୍ରସ୍ତୁତି ଓ ମୁକାବିଲା ପଦକ୍ଷେପ ଗ୍ରହଣ କରାଯାଇଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଏହା ସହିତ ୪,୧୭୦ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି, ଯେଉଁମାନଙ୍କ ମଧ୍ୟରୁ ୧,୩୧୭ ଜଣ ମହିଳା ନବଜାତ ଶିଶୁଙ୍କୁ ଜନ୍ମ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟରେ ମୋଟ ୯,୩୪୧ଟି ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯାଇଥିବା ବେଳେ ସେଥିମଧ୍ୟରୁ ୨,୬୨୩ଟିକୁ କାର୍ଯ୍ୟକ୍ଷମ କରାଯାଇଛି ।କ୍ଷେତ୍ରସ୍ତରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମୋଟ ୪୧୮ଟି ଟିମ୍ ନିୟୋଜିତ ହୋଇଛନ୍ତି । ଏଥିରେ ୬୦ଟି ଓଡ୍ରାଫ୍ , ୧୪ଟି ଏନଡିଆରଏଫ , ୨୧୬ଟି ଅଗ୍ନିଶମ ସେବା ଟିମ୍ ଏବଂ ଓଏଫଡିସିର ୧୨୮ଟି ଗଛ କଟାଳୀ ଟିମ୍ ସାମିଲ ଅଛନ୍ତି । ଅଗ୍ନିଶମ ବିଭାଗର ବିଭାଗର ଅଧିକ ୨୮ଟି ଟିମ୍ କୁ ପ୍ରସ୍ତୁତ



ରଖାଯାଇଛି । ଏହାଛଡ଼ା ବାତ୍ୟା ସମୟରେ ଟେଲି ଯୋଗାଯୋଗକୁ ଜାରି ରଖିବା ପାଇଁ ୧୭ଟି ସାଟେଲାଇଟ୍ ଫୋନ୍, ସେଲ୍ ଅନ୍ ହ୍ୱିଲ୍‌ସ୍‌ଏବଂ ଟେଲିକମ୍ ବ୍ୟାକ୍‌ଅପ୍ ବ୍ୟବସ୍ଥା କରାଯାଇଛି ।

ଅନ୍ୟପକ୍ଷରେ, ଓରସାକ୍ ଜରିଆରେ ୬ଟି ଜିଲ୍ଲାର ମୋଟ ୯୪୧ଟି ଭୂ-ସ୍ଖଳନ ଆଶଙ୍କା ପ୍ରବଣ ଗାଁକୁ ଚିହ୍ନଟ କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ହେଉଛି—ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି ଓ କୋରାପୁଟ । ଏହି ସବୁ ଗାଁରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଇଛି । କନ୍ଧମାଳ ଓ ଗଜପତି ଜିଲ୍ଲାରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଭୂ-ସ୍ଖଳନ ପ୍ରବଣ ଅଞ୍ଚଳର ଲୋକ ।

ଆନ୍ଧ୍ର ପ୍ରଦେଶର କିଛି ମତ୍ସ୍ୟଜୀବୀ ଓଡ଼ିଶା ଉପକୂଳ ନିକଟରେ ଫସିକି ରହିଥିବା ବିଷୟରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଷ୍ଟ ଗାର୍ଡ ସହାୟତାରେ ସେମାନଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ସେମାନଙ୍କୁ ସୁରକ୍ଷିତ ଭାବେ ଗଞ୍ଜାମ ଜିଲ୍ଲାକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି ।ଏହି ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀ ଫୋନ୍ ଯୋଗେ ପୁରୀ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ପରିସ୍ଥିତି ଓ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ । ହବିଷ୍ୟାଳୀ ମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୪୭ ଟି ଟ୍ରେନ କୁ ବାତିଲ କରାଯାଇଛି ଏବଂ ୨୮ ଟି ଟ୍ରେନର ସମୟ ପରିବର୍ତ୍ତନ କରାଯାଇଛି । ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ (ରେସ୍‌କ୍ୟୁ ଅପରେସନ୍) ପାଇଁ କୋଷ୍ଟଗାର୍ଡ ବାହିନୀ ଏବଂ ରେଲ୍ କୋ-ଅର୍ଡିନେସନ୍ ସେଲ୍ ସକ୍ରିୟ ରହିଥିବା ବେଳେ ରାଜ୍ୟବାସୀଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ବିଭାଗ ସତର୍କ ଓ ପ୍ରସ୍ତୁତ ରହିଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।ଏହି ସମୀକ୍ଷାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

ଟ୍ରମ୍ପ-ଜିନପିଙ୍ଗ-ପୁଟିନଙ୍କ ମଧ୍ୟରେ ଐତିହାସିକ ବୈଠକ

ନୂଆଦିଲ୍ଲୀ, ୧୯।୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚାଇନାର ରାଷ୍ଟ୍ରପତି ସି ଜିନପିଙ୍ଗ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଐତିହାସିକ ବୈଠକ। ପ୍ରଥମଥର ପାଇଁ ବିଶ୍ୱର ଏହି ପ୍ରମୁଖ ନେତା ଚାଇନାର ଟେକ ହବ୍ ଶେନଝେନରେ କରିଛନ୍ତି ତ୍ରିପାକ୍ଷିକ ଆଲୋଚନା। ୩ ନେତା ଏକାଠି ପରସ୍ପର ସହ ଆଲୋଚନା କରିଥିବାରୁ ଏହା କୂଟନୀତିକ ସ୍ତରରେ ଗୋଟିଏ ବଡ଼ ସଫଳତା ଓ ପୂରା ବିଶ୍ୱ ପାଇଁ ଭଲ ସଙ୍କେତ ବୋଲି କୁହାଯାଉଛି ।



ଏହି ବୈଠକକୁ ଐତିହାସିକ ବୋଲି ଅବିହିତ କରି ଜିନପିଙ୍ଗ କହିଛନ୍ତି ଯେ ପ୍ରଥମଥର ପାଇଁ ଚାଇନା, ରୁଷ ଓ ଆମେରିକାର ମୁଖ୍ୟମାନେ ଏକାଠି ଆଲୋଚନା ପାଇଁ ଆସିଛନ୍ତି । ଏହି ଭିତରେ ଟ୍ରମ୍ପ କହିଛନ୍ତି ଯେ ସେ ଅନ୍ୟ ଦେଶର ନେତାମାନଙ୍କ ସହ ସିଧା କଥାବାର୍ତ୍ତା କରି ଆମେରିକାର ବିଦେଶ ନୀତିରେ ଗୋଟିଏ ପରିବର୍ତ୍ତନ ଆପଣାଇଛନ୍ତି । ବିଶେଷ କରି ଆମେରିକାର ମତଭେଦ ରହିଥିବା ଦେଶର ନେତାମାନଙ୍କ ସହ ସେ ଏବେ ଆଲୋଚନା କରୁଥିବା କହିଛନ୍ତି । ଟ୍ରମ୍ପ ତ୍ରିପାକ୍ଷିକ ବୈଠକ ଆରମ୍ଭରୁ କହିଛନ୍ତି, "ବିଶ୍ୱର ୩ ସବୁଠାରୁ ବଡ଼ ଦେଶର ରାଷ୍ଟ୍ରପତି ଭାବେ ଆମ ଉପରେ ବିଶେଷ ଗୁରୁଦାୟିତ୍ୱ ରହିଛି । ଆମକୁ ସେହି ସବୁ ପ୍ରସଙ୍ଗରେ ଖୋଲାଖୋଲି, ପରସ୍ପରର ସମ୍ମାନ ଓ ଫଳପ୍ରଦ ହେଉଥିବା ଆଲୋଚନା କରିବାକୁ ପଡ଼ିବ ଯାହା କେବଳ ଆମ ଲୋକଙ୍କର ନୁହେଁ, ବରଂ ପୂରା ବିଶ୍ୱକୁ ପ୍ରଭାବିତ କରିଥାଏ ।ମତଭେଦ ଥିବା ଦେଶଗୁଡ଼ିକର ନେତାମାନଙ୍କ ସହ ପୂର୍ବରୁ ଆମେରିକାରେ କ୍ଷମତା ଦଖଲ କରୁଥିବା ଲୋକମାନେ ଆଲୋଚନାରୁ ଦୂରେଇ ରହୁଥିଲେ। କିନ୍ତୁ ଆମେ ଏହାର ବିପରୀତ ଦିଗ ଉପରେ ଚିନ୍ତା କରୁଛି ।ମତଭେଦ ଥିବା ନେତାମାନଙ୍କ ସହ ଆଲୋଚନାରୁ ଦୂରେଇ ରହିଲେ କେବେ ବି କୌଣସି ବିବାଦର ସମାଧାନ ହେବ ନାହିଁ। କୌଣସି ଶାନ୍ତି ବିନା ଆଲୋଚନାରେ ସମ୍ଭବ ନୁହେଁ। ଆଲୋଚନା ଓ ଏକାଠି କଥାବାର୍ତ୍ତା ହେବା ଦ୍ୱାରା ସାମାଧାନର ରାସ୍ତା ମିଳିଥାଏ। ଆମେ ଏବେ ଗୋଟିଏ ଭିନ୍ନ ପଥ ଆପଣାଇଛୁ।"

ଜିନପିଙ୍ଗ ମଧ୍ୟ ଟ୍ରମ୍ପଙ୍କ ଏହି ଭାବନାକୁ ସମର୍ଥନ କରିଛନ୍ତି। ସେ ୩ ଦେଶ ମଧ୍ୟରେ ଅଧିକ ସହଭାଗିତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ଦ୍ରୁତଗତିରେ ପରସ୍ପର ସହ ଯୋଡ଼ି ହେଉଥିବା ଦୁନିଆରେ ଗଠନମୂଳକ ଆଲୋଚନା ଅତ୍ୟନ୍ତ ଜରୁରୀ ରହିଛି।

ପ୍ରମୁଖ ଶକ୍ତି ଗୁଡ଼ିକ ମଧ୍ୟରେ ସକାରାତ୍ମକ ଆଲୋଚନା କୌଣସି ପସନ୍ଦର ବିଷୟ ନୁହେଁ, ବରଂ ଏହା ବାଧ୍ୟତାମୂଳକ ଆବଶ୍ୟକତା। ମାନବତା ଗୋଟିଏ ବିଶ୍ୱ ଗାଁରେ ରହୁଛି। ଏଠାରେ ସମସ୍ତଙ୍କ ଭାଗ୍ୟ ପରସ୍ପର ସହ ଜଡ଼ିତ। ବିଶ୍ୱ ସମୁଦାୟ ପାଇଁ ପ୍ରମୁଖ ଶକ୍ତିଗୁଡ଼ିକର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ବୋଲି ଜିନପିଙ୍ଗ କହିଛନ୍ତି। ରୁଷ, ଚାଇନା ଓ ଆମେରିକା ମଧ୍ୟରେ ଘନିଷ୍ଠ ସହଭାଗିତା ନିଶ୍ଚିତ ଭାବେ ବିଶ୍ୱ ସୁରକ୍ଷା ଓ ସ୍ଥିରତାକୁ ଅଧିକ ସଶକ୍ତ କରିପାରିବ। ହେଲେ ଏଥିପାଇଁ ୩ ଦେଶକୁ ଏକାଠି ଗଠନମୂଳକ ଭାବେ କାର୍ଯ୍ୟ କରିବାକୁ ହେବ ବୋଲି ମତ ରଖିଛନ୍ତି ପୁଟିନ।

ଚିଲିକାରେ ନୌକା ଚଳାଚଳ ଓ ପର୍ଯ୍ୟଟନ ବନ୍ଦ

ଖୋରଧା.୧୯।୧୧: ସମ୍ଭାବ୍ୟ ବାତ୍ୟା ଆକଭାନ କୁ ଦୃଷ୍ଟିରେ ରଖି ଜନ ସାଧାରଣଙ୍କ ସୁରକ୍ଷା ଓ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତା ୧୯ .୧୧.୨୦୨୬ ରିଖ ଠାରୁ ତା ୨୧.୧୧.୨୦୨୬ ରିଖ ପର୍ଯ୍ୟନ୍ତ ସମସ୍ତ ବାଣିଜ୍ୟିକ ବୋଟର ଅନ୍ତର୍ଶୋୟ ଜଳପଥ ଚଳାଚଳ ବନ୍ଦ ରଖିବାକୁ ବାଲୁଗାଁ, ଖୋରଧା,ଏସ ଡି ଓ, ଆଇ ଡବ୍ଲୁ ଟି ଏବଂ ବନଖଣ୍ଡ ଅଧିକାରୀ,ବି ଏବଂ ଟି ଙ୍କୁ ନିର୍ଦ୍ଦେଶ ଦିଆଯାଇଛି କ୍ଷ ସେହିପରି ଅପର ପକ୍ଷେ ବୋଟ ଚଳାଚଳ କୁ ବନ୍ଦ ରଖିବାକୁ ପର୍ଯ୍ୟଟନ ଓ ମନୋରଞ୍ଜନ ମୂଳକ କାର୍ଯ୍ୟ କଳାପ ଉପରେ ବନ୍ଦର ଏବଂ ଅନ୍ତର୍ଶୋୟ ଜଳପଥ ପରିବହନ, ଯାନ୍ତ୍ରିକ ଉପ ବିଭାଜନ ବାଲୁଗାଁ କାଳିଜାଇ ମୋଟର ବୋଟ ସଂଘ, ବାଲୁଗାଁ, ମା କାଳିଜାଇ ମୋଟର ବୋଟ ଶ୍ରମିକ ସଂଘ, ବରକୂଳ, ମା କାଳିଜାଇ ମୋଟର ଡଙ୍ଗା ମାଲିକ ସଂଘ , ବରକୂଳ, ମଙ୍ଗଳାଯୋଡ଼ି ଇକୋ ଟୁରିଜିମ, ଶ୍ରୀ ଶ୍ରୀ ମହାବୀର ପକ୍ଷୀ ସୁରକ୍ଷା ସମିତି, ମଙ୍ଗଳାଯୋଡି ଏବଂ ମଙ୍ଗଳା ଯୋଡ଼ି କଞ୍ଜରବେସନ ଟୁରିଜିମ ଟ୍ରଷ୍ଟ , ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ, ବରକୂଳ ଙ୍କୁ ସମସ୍ତ ନୌକାର ଚଳାଚଳ କୁ ତା ୧୮.୧୧.୨୦୨୬ ରିଖ ଠାରୁ ତା ୨୧.୧୧.୨୦୨୬ ରିଖ ପର୍ଯ୍ୟନ୍ତ ବନ୍ଦ୍ ରଖିବା ସହ ଚିଲିକା ହ୍ରଦରେ କୌଣସି ପ୍ରକାରର ପର୍ଯ୍ୟଟନ, ମନୋରଞ୍ଜନ ମୂଳକ କିମ୍ବା ଅନ୍ୟାନ୍ୟ ନୌବିହାର କାର୍ଯ୍ୟକଳାପ ନ କରିବା ପାଇଁ ସମସ୍ତ ସଦସ୍ୟ ନୌକା ମାଲିକ ଓ ଚାଳକ ମାନଙ୍କୁ ତୁରନ୍ତ ଅବଗତ କରାଇବା ସହ ନିୟମ ଉଲଙ୍ଘନ କାରିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି ।

ବ୍ରାଉନ୍ ସୁଗର ଜବତ, ୨ ଗିରଫ

ପ।ର।ଦ୍ୱୀପ, ୧୯।୧୧(ନି.ପ୍ର.):-ପାରାଦ୍ୱୀପ ଲକ୍ ଥାନା ପୁଲିସ କୋଲଡିଆ ଛକ ନିକଟରେ ଚଢ଼ାଉ କରି ୧୧.୫୨ ଗ୍ରାମ ବ୍ରାଉନ୍ ସୁଗର ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି । ଜବତ ବ୍ରାଉନ୍ ସୁଗରର ମୂଲ୍ୟ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା । ଗିରଫ ଦୁଇ ଜଣ ହେଲେ ପ୍ରକାଶ କୁମାର ନାୟକ (୪୬) ଓ ସୁବ୍ରତ ଓଝା (୨୦)। ଏହି ଚଢ଼ାଉ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ରବୀନ୍ଦ୍ର କୁମାର ପାତ୍ର ଓ ଆଇଆଇସି ରଶ୍ମି ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଏସ୍‌ଆଇ ଶଙ୍ଖେତା ବେକ୍‌ଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଚଢ଼ାଉ କରିଥିଲା । ଏନେଇ ଲକ୍ ଥାନାରେ ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ ହୋଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ପିସିସି ପକ୍ଷରୁ ଇନ୍ଦିରା ଗାନ୍ଧିଙ୍କ ଜୟନ୍ତୀ ଉତ୍ସବ ପାଳିତ

ଭୁବନେଶ୍ୱର, ୧୯।୧୧(ନି.ପ୍ର.): ସମ୍ବିଧାନର ପ୍ରଣେତାମାନେ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଯେଉଁ ସମ୍ବିଧାନ ସଂରଚନା କରିଥିଲେ, ତାକୁ ମୋଦୀ-ଶାହା ଶାସନ ଦଳିମକଚି ନଷ୍ଟ କରିଦେବାକୁ ବସିଛି। ଏକଛତ୍ରବାଦ ଜନିତ ପରାଧୀନତାରୁ ମୁକ୍ତି ପାଇଁ ଗାନ୍ଧୀ-ନେହେରୁ-ସୁଭାଷ-ପଟେଲଙ୍କ ପରି ଆଉ ଏକ ସ୍ୱାଧୀନତା ସଂଗ୍ରାମ ଓ ଇନ୍ଦିରା ଗାନ୍ଧିଙ୍କ ପରି ବଳିଦାନର ଆବଶ୍ୟକତା ଅଛି ବୋଲି ଗୁରୁବାର ପୂର୍ବାହ୍ନରେ ଇନ୍ଦିରା ପାର୍କ ଠାରେ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଇନ୍ଦିରା ଗାନ୍ଧିଙ୍କ ୧୦୯ତମ ଜୟନ୍ତୀ ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ ମତବ୍ୟକ୍ତ କରିଛନ୍ତି। ସ୍ମୃତିକମିଟିର ସଭାପତି ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତିସଭାରେ ଶ୍ରୀ ଦାସ କହିଥିଲେ, ଇନ୍ଦିରା ଗାନ୍ଧିଙ୍କ ବଳିଦାନ ସାରା ବିଶ୍ୱରେ ବିରଳ। କଂଗ୍ରେସ ସପକ୍ଷରେ ସାରା ଦେଶରେ ଏବେ ଜନସମର୍ଥନ ବୃଦ୍ଧି ପାଉଥିବାରୁ କିଛି ସମର୍ପିତ କଂଗ୍ରେସ କର୍ମୀ ନିଜକୁ ପୂର୍ଣ୍ଣ ପ୍ରାଣରେ ଦଳପାଇଁ ସବୁକିଛି ତ୍ୟାଗ କରିବାର ସମୟ ଆସିଛି ବୋଲି ସେ କହିଥିଲେ ।ଗୁରୁବାର ସକାଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ୧୦୯ତମ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲାର୍ପଣ କରିଥିଲେ । ପରେ ଇନ୍ଦିରା ଗାନ୍ଧୀ ପାର୍କ ସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ପୂର୍ବତନ ସମ୍ପାଦକ ସି.ପି. ମିଉଲ, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜୟଦେବ ଜେନା, ସୁରେଶ କୁମାର ରାଉତରାୟ, ସମୀର କୁମାର ରାଉତରାୟ, ନଗେନ୍ଦ୍ର ପ୍ରଧାନ, ଶିବାନନ୍ଦ ରାୟ, ଜିଆ ଉଲ୍ ହକ୍, ଅରବିନ୍ଦ ଦାସ, ଅଭୟ ସାହୁ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଅମୀୟ କୁମାର ପଟ୍ଟନାୟକ, ପ୍ରକାଶ ମିଶ୍ର, ହଲଧର ସେଠୀ, କୃଷ୍ଣଚନ୍ଦ୍ର ବରାଳ, ମିହିର ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ, ରାଜକିଶୋର ବାରିକ, କରୁଣାକର ରଥ, ଜ୍ୟୋତିଶ ସାହୁ, ରଞ୍ଜନ ନାୟକ, ମନୋରଞ୍ଜନ ରାଉତରାୟ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ ।



ବିଧାନସଭା ଅଚଳ

ଭୁବନେଶ୍ୱର, ୧୯।୧୧(ନି.ପ୍ର.): ଶୀତ ଅଧିବେଶନର ଦ୍ୱିତୀୟ ଦିନରେ ଗୃହ ସରଗରମ । ଆରମ୍ଭରୁ ବିରୋଧୀଙ୍କ ନାରାବାଜିରେ କମ୍ପିଲା ବିଧାନସଭା । ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କଲେ ବିରୋଧୀ । କେଓଝର ଏବଂ ଗଞ୍ଜାମ ଓ ବନ୍ୟା ତତିରେ ଧୋଇଗଲା ପ୍ରଶ୍ନ । ଫଳରେ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ।ସପ୍ତଦଶ ବିଧାନସଭାର ଆଜି ଦ୍ୱିତୀୟ ଦିନ । ଗଲକାଲି ଭଳି ଆଜି ବି ପ୍ରଶ୍ନକାଳ ଧୋଇଯାଇଛି । ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ କେଓଝା ଏବଂ ଗଞ୍ଜାମ ବନ୍ୟା ପ୍ରସଙ୍ଗରେ ସରକାରଙ୍କୁ ଘେରିଥିଲେ । ପୋଡ଼ିୟମ ସାମ୍ମାରେ ପ୍ଲ-କାର୍ଡ ଦେଖାଇ ନାରାବାଜି ସହ ହଟ୍ଟଗୋଳ କରିଥିଲେ । ବନ୍ୟା ପରିଚାଳନାରେ ସରକାରଙ୍କ ବିଫଳତା ଏବଂ ଗୃହର ସମସ୍ତ କାର୍ଯ୍ୟ ବାତିଲ କରି ଏହା ଉପରେ ଆଲୋଚନା କରିବାକୁ ମୁଖ୍ୟ ବିରୋଧୀ ଦଳ ବିଜେଡିର ଦାବି କରିଥିଲା । ଏପଟେ କଂଗ୍ରେସ ସଦସ୍ୟ କୋଟିଆ ପ୍ରସଙ୍ଗରେ ଆଲୋଚନା କରିବାକୁ ଦାବି କରିଥିଲେ ।

ଗୋଲାମୁଣ୍ଡା ତହସିଲଦାର ଓ ଡ୍ରାଇଭର ଭିଜିଲାନ୍ସ ଜାଲରେ

୧୨ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ, ପାପଡାହାଣ୍ଡିରେ ଥିବା ପୈତୃକ ଘରେ ମଧ୍ୟ ଚଢ଼ାଉ

ନବରଙ୍ଗପୁର- ୧୯।୧୧(ନି.ପ୍ର.): ଲାଞ୍ଚ କାରବାର ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଓ ତାଙ୍କ ଡ୍ରାଇଭର ପଙ୍କଜ ସିପକା। ଜଣେ ଆବେଦନକାରୀଙ୍କ କୃଷି ଜମିକୁ ଘରବାରି କିସମରେ ପରିବର୍ତ୍ତନ କରିବା ସହ ସଂଶୋଧିତ ଜମି ପଟ୍ଟା (ଜବ୍ଦଜ) ପ୍ରଦାନ ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଧରିଛି । ଏହି ଘଟଣାକୁ ନେଇ ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି ।ସୂଚ

ଆଞ୍ଚଳିକ ମନ୍ତ୍ରୁନ

ଶୁକ୍ରବାର,୨୦ ନଭେମ୍ବର ୨୦୨୬, ଭୁବନେଶ୍ୱର Friday,20 November 2026, Bhubaneswar



୧୪୨ ବର୍ଷର ନାମୋ ସାର୍ବଜନୀନ ଜଗଦ୍ଧାତ୍ରୀ ପୂଜା ଆରମ୍ଭ

ଜଳେଶ୍ୱର,୧୯।୧୧ :(ମନ୍ତୁନ) ଶ୍ରୀ ଶ୍ରୀ ଜଗଦ୍ଧାତ୍ରୀ ଦେବୀଙ୍କର ପୂଜା ଆଜି ନାମ୍‌ପୋ ହାଟ ପରିସରରେ ଥିବା ସ୍ଥାୟୀ ମଣ୍ଡପରେ ଆରମ୍ଭ ହୋଇ ଦିବସ ବ୍ୟାପୀ ଚାଲିବା ପରେ ହୋମାଦି କାର୍ଯ୍ୟ କରାଯାଇଥିଲା।ଏହି ସାର୍ବଜନୀନ ପୂଜା ୧୮୮୫ ମସିହାରେ ଆରମ୍ଭ ହୋଇ ଅଦ୍ୟାବଧି ଚାଲି ଆସୁଛି।୧୨ ଜଣିଆ କମିଟିର ସଭାପତି ରୂପେ ନିଖିଲ ପରିଡ଼ା ଓ ସମ୍ପାଦକ ରୂପେ ବାସୁଦେବ ଦାସ କାର୍ଯ୍ୟ କରୁଛନ୍ତି।ଏହି ସର୍ବ ପୁରାତନ ପୂଜା ଦେଖିବା ପାଇଁ ନାମ୍‌ପୋ ପଞ୍ଚାୟତ ବ୍ୟତିତ ଆଖ ପାଖ ଖାଲିନା,ସମ୍ଭଉଆ, ସୁଗୋ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶହ ଶହ ସଂଖ୍ୟାରେ ଭକ୍ତ ଏଠାକୁ ଆସିଥାନ୍ତି।ଆଜି ସନ୍ଧ୍ୟାରେ ଯାତ୍ରା ପରିବେଷଣ କରାଯାଇଥିଲା।



ବାଇକ୍ ଧକ୍କାରେ ଜଣେ ଆହତ

ବୁଗୁଡା ,୧୯।୧୧ :(ମନ୍ତୁନ) ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ଯଠାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଗୁରୁତର ହୋଇଥିବା ଜଣାଯାଇଛି। ଆହତ ଜଣକ ହେଲେ ଡେଙ୍ଗାପଦର ଗ୍ରାମର ଗୋଲକ ସେଠୀ (୪୨)। ଘଟଣାରୁ ପ୍ରକାଶ ଯେ, ବୁଧବାର ରାତିରେ ଗୋଲକ କୌଣସି କାମରେ ବାଲିପଦରକୁ ଆସି ବାଇକରେ ଫେରୁଥିବା ବେଳେ କଲେଜ ସମ୍ମୁଖ ରାସ୍ତାରେ ସାମନାପଟୁ ଏକ ବାଇକ୍ ଆସି ଧକ୍କା ଦେଇଥିଲା । ଦୁର୍ଘଟଣାରେ ଗୋଲକଙ୍କ ଦୁଇ ଗୋଡ, ବାମ ହାତ ଓ ପାଦ ସହ ମୁଣ୍ଡରେ ଆଘାତ ଲାଗିଥିଲା। ଦୁର୍ଘଟଣା ଘଟାଇଥିବା ଅନ୍ୟ ବାଇକ ଚାଳକ ଜଣକ ଘଟଣା ସ୍ଥଳରୁ ଛୁ ମାରିଥିବା ବେଳେ ଗୋଲକଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି ପ୍ରଥମେ କଳମ୍ଯର ଏକ କ୍ଲିନିକ୍ ଏବଂ ତା'ପରେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଥିବା ଜଣାଯାଇଛି।

'ହ୍ୟୁମାନ ସ୍ମୃତି'ସମ୍ମାନ ପାଇ ଧାମନଗର ଗୌରବ ଆଣିଲେ ଯୁବ ଗୀତିକାର-ଗୁରୁଦତ୍ତ

ଧାମନଗର,୧୯।୧୧ :(ମନ୍ତୁନ)ସଂଘର୍ଷ ଓ ସାଧନାର ସଫଳତାକୁ ମିଳିଛି ସ୍ୱୀକୃତି। ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ୩ୀ ହଜାର ଗୀତର ସ୍ରଷ୍ଟା ଯୁବ ଗୀତିକାର ଗୁରୁଦତ୍ତ ବେହେରା 'ହ୍ୟୁମାନ ସ୍ମୃତି'ସମ୍ମାନରେ ସମ୍ମାନିତ ହୋଇ ଧାମନଗର ମାଟିର ଗୌରବ ଆଣିଛନ୍ତି। ନିଜ ଲେଖନୀରେ ଓଡ଼ିଆ ସଙ୍ଗୀତ ଜଗତରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଥିବା କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ହାଇସ୍କୁଲ ପଡ଼ିଆରେ ଆୟୋଜିତ 'ହ୍ୟୁମାନ ସ୍ମୃତି' ସମ୍ମାନ ଓ ସମ୍ବର୍ଦ୍ଧନା ସମାରୋହରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଗ୍ରାମାଞ୍ଚଳରୁ ନିଜ ପ୍ରତିଭା ବଳରେ ସଙ୍ଗୀତ ଜଗତରେ ପରିଚୟ ସୃଷ୍ଟି କରିଥିବା ଗୁରୁଦତ୍ତଙ୍କ ଏହି ସଫଳତା ଧାମନଗର ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି।ସ୍ୱର୍ଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ କଣ୍ଠରେ ଗୁରୁଦତ୍ତଙ୍କ ଲିଖିତ ଲୋକପ୍ରିୟ ଗୀତ 'ମାଆ ତୋ ବିନା ମୁଁ ରହି ପାରିବିନି' ପାଇଁ ତାଙ୍କୁ ଏହି ସ୍ୱୀକୃତି ମିଳିଛି। ଗୁରୁଦତ୍ତ ଆଲବମ୍ ?,ସିନେମା ଓ ଯାତ୍ରା ଜଗତ ପାଇଁ ଏଯାବତ୍ ୩ୀ ହଜାରରୁ ଊର୍ଦ୍ଧ୍ୱ ଗୀତ ରଚନା କରିଥିବାବେଳେ ହ୍ୟୁମାନ ସାଗରଙ୍କ କଣ୍ଠରେ ତାଙ୍କ ଲେଖାରେ ହଜାରରୁ ଅଧିକ ଗୀତ ଲୋକପ୍ରିୟ ହୋଇଛି।ତାଙ୍କ ଲେଖାରେ 'ଦୁଲୁକୁଡୁମା', 'କ୍ୟୁଟ୍ ଲଭର', 'ଗୋଟାପାନ', 'ମୋ ଜଗା କାଳିଆ,'ରେ କଳା ଠାକୁର', 'ଫେରିଆସ ବାପା', 'ମାଆ ତୁ ମୋ ଜୀବନ', 'ମୁଁ ଖୁଦାକୁ ମାଗିନି କିଛି' ଓ 'ରାଗିଛ କି ବାପା ତୁମେ' ଭଳି ଅନେକ ଗୀତ ଶ୍ରୋତାଙ୍କ ମହଲରେ ଆଦୃତ ହୋଇଛି। ଗୁରୁଦତ୍ତ ବେହେରା 'ହ୍ୟୁମାନ ସାଗର ସ୍ମୃତି' ସମ୍ମାନରେ ସମ୍ମାନିତ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସ୍ରୋତ ଛୁଟିଛି।



ଖଣ୍ଡପଡ଼ାରେ ଅଁଳା ନବମୀ ପାଳିତ

ଖଣ୍ଡପଡ଼ା,୧୯।୧୧ :(ମନ୍ତୁନ)ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ପବିତ୍ର ଅଁଳା ନବମୀପାଳିତ ହୋଇଯାଇଛି। କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଶ୍ରଦ୍ଧାଳୁ ମାନେ ଶ୍ରୀରାଧା ଏବଂମା ସୀତାଙ୍କ ପାଦ ଦର୍ଶନ କରିଥାନ୍ତି। ଏ ଅବସରରେ ବିଭିନ୍ନ ମଠ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡଦେଖିବାକୁ ମିଳିଥିଲା। ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ଜୀଉ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନକରିଛନ୍ତି ଶ୍ରଦ୍ଧାଳୁ। ଗ୍ରାମର ମହିଳା ମଣ୍ଡଳୀ ପକ୍ଷରୁ ଦିନତମାମ ନାମ ସଙ୍କିର୍ତ୍ତନ ଅନୁଷ୍ଠିତହୋଇଥିବା ବେଳେ ସକାଳୁ ଠାକୁରଙ୍କ ସ୍ନାନ, ମଙ୍ଗଳ ଆଳତୀ, ମଇଲମ ସହ ବାଲଭୂପ, ରାଇଦାମୋଦର ପୂଜା ଭଳି ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମରଦ୍ଦରାଜପୁର ପଞ୍ଚାୟତ ଅଧୀନଚାଉପଲ୍ଲୀ ଗ୍ରାମ ସ୍ଥିତ ମଦନମୋହନଙ୍କ ମନ୍ଦିର, ମୁଣ୍ଡିଆ ହନୁମାନ ପୀଠ, ଖଣ୍ଡପଡ଼ା ସହରାଞ୍ଚଳଅଧୀନ ବଡଟାସେରା ବିଷ୍ଣୁମନ୍ଦିର ଏବଂ ଜଗନ୍ନାଥଙ୍କ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ନିମନ୍ତେଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।



'ଆକବନ' ବାତ୍ୟା ମୁକାବିଲା ପାଇଁ ମହାନଗର ନିଗମ ଆୟୁକ୍ତଙ୍କ ବ୍ୟାପକ ପ୍ରସ୍ତୁତି

ବ୍ରହ୍ମପୁର୧୯।୧୧ :(ମନ୍ତୁନ) ବ୍ରହ୍ମପୁର ମହାନଗର ନିଗମରେ ଆଜି ସନ୍ଧ୍ୟାରେ ଆକବନ ବାତ୍ୟା ଓ ସମ୍ଭାବ୍ୟ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜୋରଦାର ପ୍ରସ୍ତୁତି ଜାରି ରହିଛି। ଶୂନ୍ୟ ମୃତାହତ ଲକ୍ଷ୍ୟ ନେଇ କଚ୍ଚାଘର ଏବଂ ସହରତଳି ଅଞ୍ଚଳରେ ରହୁଥିବା ଲୋକଙ୍କର ସ୍ଥାନାନ୍ତରଣ ଆରମ୍ଭ ହୋଇସାରିଛି। ଡୁଡୁମା କଲୋନୀ ଅଞ୍ଚଳରେ ରଷିକୂଲ୍ୟା କେନାଲ ଓ ଆଡି ଅବରୋଧ କରି ଜବର ଦଖଲ ନିର୍ମିତ କଚ୍ଚାଘର ଗୁଡିକରୁ ବଡ ବଜାର ଥାନା ପୋଲିସ ଉପସ୍ଥିତିରେ ଲୋକଙ୍କୁ ବିନାୟକ ଆଚାର୍ଯ୍ୟ ସ୍କୁଲ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ଆଶ୍ରୟ ସ୍ଥଳୀ ଗୁଡିକୁ ସ୍ଥାନାନ୍ତର ଜାରି ରହିଛି। ମୋଟ ୨୪ଟି ଅସ୍ଥାୟୀ ଆଶ୍ରୟ ସ୍ଥଳୀର ସୁପରିଚାଳନା ପାଇଁ ତିନୋଟି ସିଫ୍ଟରେ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ ହୋଇଥିବା ବେଳେ, ହସ୍ତଗତ ହୋଇଥିବା ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ କରିବାକୁ କମିଶନର ଶ୍ରୀମତୀ ଏ ସସ୍ୟ ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରବଳ ବେଗରେ ପବନ ବହି ବିଜ୍ଞାପନ ହୋର୍ଡିଂ ଭାଙ୍ଗି ଧନଜୀବନ ହାନିର ଆଶଙ୍କା ଥିବାରୁ ସମସ୍ତ ହୋର୍ଡିଂ ହଟାଇବାକୁ ନିଗମ ସହ ଅନୁବନ୍ଧିତ ବିଭିନ୍ନ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯଇଛି । ହୋର୍ଡିଂ ହଟାଇବାରେ ଅବହେଳା କଲେ ସେମାନଙ୍କୁ ଫୌଜଦାରୀ ମାମଲା ପରିସର ଭୁକ୍ତ କରାଯିବ ବୋଲି ସ୍ପଷ୍ଟ ସୂଚନା ଦିଆଯାଇଛି। ସେହିପରି ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ନିଗମ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ହାଇମାଷ୍ଟ ଲାଇଟକୁ ତଳକୁ କରି ଦିଆଯାଇଛି। ଅତ୍ୟଧିକ ଜଳ ପ୍ରବାହକୁ ରୋକିବା ଏବଂ ଜମି ରହୁଥିବା ଜଳ ନିଷ୍କାସନ କରାଯିବା ପାଇଁ ସିଟି ଇଞ୍ଜିନିୟର ଶ୍ରୀ ବିକାଶ ଚନ୍ଦ୍ର ପାଢୀଙ୍କ ନେତୃତ୍ୱରେ ଫାଷ୍ଟ ଗେଟ, ନିଗମ ନଗର ସପ୍ତମ ଲେନ, ଲାଞ୍ଜିପଲ୍ଲୀ ରାମନଗର ଆଦି ଅଞ୍ଚଳରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜଳବନ୍ଦୀ ପ୍ରବଣ ଅଞ୍ଚଳରେ ନାଳ ଗୁଡିକର ଆବର୍ଜନା ସଫେଇ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି।



ସେହି କ୍ରମରେ ଆଜି ଚନ୍ଦନ ଗନର, ବ୍ରହ୍ମପଲ୍ଲୀ, କର୍ପୋରେସନ ରୋଡ, ଆସ୍କା ରୋଡ ମୁଖ୍ୟ ଡ୍ରେନ, ତଳମେଣ୍ଟୁ ଛକ, ଲାଠି ରୋଡ, ଧର୍ମ ନଗର, ବାସୁଦେବ ନଗର, ଗଜପତି ନଗର, ଅଶୋକ ନଗର ଅଷ୍ଟମ ଲେନ୍, ରାଜୀବ ନଗର, ସିଦ୍ଧାର୍ଥ ନଗର, ଗୋଲା ଗାଁ, ଖାଜା ସାହି, ଜଳେଶ୍ୱର ବିହାର ଆଦି ଅଞ୍ଚଳରେ ନାଳ ସଫେଇ କାମ ହାତକୁ ନିଆଯାଇଥିଲା। ମଶା ନିୟନ୍ତ୍ରଣ ପାଇଁ କୋର୍ଟପେଟା, ଗୋଇଲୁଣ୍ଡି, ଶାନ୍ତି ନଗର ଅଞ୍ଚଳରେ ବୁଧବାର ଦିନ ଫଗିଂ କାର୍ଯ୍ୟ ମଧ୍ୟ ଜାରି ରହିଥିଲା। ଗୋଟିଏ ଏନଡିଆରଏଫ ଗୋଟିଏ ଓଡ୍ରାଫ ଟିମ ବ୍ରହ୍ମପୁରରେ ପହଞ୍ଚିଥିବା ବେଳେ, ବିପଦ ସଙ୍କୁଳ ଗଛ ଗୁଡିକୁ କାଟିବା ଆରମ୍ଭ ହୋଇଯାଇଛି। ଡାକବାଜି ଯନ୍ତ୍ର ଜରିଆରେ ନିଗମ ବାସୀଙ୍କୁ ଦିନ ତମାମ ବାତ୍ୟା ଓ ବର୍ଷା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଥିବା ବେଳେ, ଗୁଜବରେ ବିଶ୍ୱାସ ନ କରିବାକୁ ଏବଂ ଅଯଥା ଆତଙ୍କିତ ନହେବାକୁ କମିଶନର ସହରବାସୀଙ୍କୁ ନିବେଦନ କରିଛନ୍ତି। ଅପର ପକ୍ଷରେ ଅର୍ଣ୍ଣବ ବାତ୍ୟାରେ ପ୍ରଭାବିତ ପରିବାରଙ୍କୁ ରିଲିଫ ଚାଉଳ ବଣ୍ଟନ ଚାଲୁ ରହିଛି। ବୁଧବାର ସୁଦ୍ଧା ସମୁଦାୟ ୧୬୭୯୯ ରାସନ କାର୍ଡ ଧାରୀଙ୍କୁ କାର୍ଡ ପିଛା ୫୦ କିଲୋ ଚାଉଳ ବଣ୍ଟନ ସରିଛି। ପରିବାର ପିଛା ୨୫୦୦ ଟଙ୍କା ସହାୟତା ରାଶି ପ୍ରଦାନ ପୂର୍ବରୁ ଅଙ୍ଗନୱାଡି କର୍ମୀ, ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ ସୁପରଭାଇଜରଙ୍କ ଦ୍ୱାରା ଘରକୁ ଘର ସର୍ଭେ ଜାରି ରହିଛି। ଉକ୍ତ ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଅବସରପ୍ରାପ୍ତ ମୁଖ୍ୟ ଲିପିକ ପ୍ରସନ୍ନ ମହାନ୍ତିଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୯।୧୧ :(ମନ୍ତୁନ) କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ ଲିପିକ ପ୍ରସନ୍ନ କୁମାର ମହାନ୍ତିଙ୍କ ୯୦ବର୍ଷ ବୟସରେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମସ୍ଥିତ ତାଙ୍କ ବାସଭବନରେ ପୂର୍ବାହ୍ନ ୧୧ଟା ବେଳେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ, ବୋହୂ, ଦୁଇ ଝିଅ ଓ ଜ୍ୱାଇଁ ଏବଂ ବନ୍ଧୁପରିଜନ ଉପସ୍ଥିତ ଥିଲେ। ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ସାଧାରଣରେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ରାଜକିଶୋର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ପରିବାର ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜିଲ୍ଲା କରଣ ସମାଜ ପକ୍ଷରୁ ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ଆଇନଜୀବୀ ଅକ୍ଷୟ ମହାନ୍ତି, ଡା. ବିଶ୍ୱପ୍ରକାଶ କାନୁନଗୋ, ଡା. ରମାନାଥ ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି, ଚିତ୍ତରଞ୍ଜନ ଦାସ, ବସନ୍ତ କୁମାର ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ଅସହାୟା ମହିଳାଙ୍କୁ ସହଯୋଗର ହାତ ବଢାଇଲା ଟ୍ରଷ୍ଟ

କେନ୍ଦ୍ରାପଡ଼ା, ୧୯।୧୧ :(ମନ୍ତୁନ) ରାଜ୍ୟର ଜଣାଶୁଣା ସ୍ୱେଚ୍ଛାସେବୀ ଦାତବ୍ୟ ଅନୁଷ୍ଠାନ 'ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ' ସର୍ବଦା ଜିଲ୍ଲାର ଗରିବ, ଅବହେଳିତ ଲୋକଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢାଇଥାଏ। ଆକସ୍ମିକ ଅଗ୍ନିକାଣ୍ଡରେ ଘର ପୋଡି ଯାଇଥିବା, ଦୂରାରୋଗ୍ୟ ବ୍ୟାଧିରେ ପିଡିତ ଅସହାୟ ବ୍ୟକ୍ତିବିଶେଷ ଏବଂ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରଷ୍ଟ ସହାୟତା ପ୍ରଦାନ କରିଥାଏ। ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ ହୋଇପଡିଥିବା ଜଣେ ଅସହାୟା ମହିଳାଙ୍କ ସମ୍ପର୍କରେ ଜାଣିବା ପରେ ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ତୁରନ୍ତ ତାଙ୍କୁ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ପଖଟ ଗ୍ରାମର ସ୍ୱର୍ଗତ ନାରାୟଣ ସେଠୀଙ୍କ ପତ୍ନୀ ଅସହାୟା ଗିତାଞ୍ଜଳୀ ସେଠୀଙ୍କୁ ୩ହଜାର ଟଙ୍କାର ଆର୍ଥିକ ସହୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ଟ୍ରଷ୍ଟ ପକ୍ଷରୁ ଏହି ସହାୟତା ପ୍ରଦାନ କରିଛନ୍ତି।

ସଦାଇପାଲି ରାସ୍ତାକାମ ଦୁର୍ନୀତି

ଦୋଷୀଙ୍କୁ ଗିରଫ କରିବା ଦାବିରେ ରାସ୍ତା ରୋକ

ବଲାଙ୍ଗିର,୧୯।୧୧ :(ମନ୍ତୁନ)ଆଜି ବଲାଙ୍ଗିର ପଥରଚେପା ଠାରେ ବଲାଙ୍ଗିର କଣ୍ଟାବାଞ୍ଜି ରାଜ୍ୟ ରାଜପଥରେ ସଦେଇପାଲି ପଂଚାୟତ ର ଜନସାଧାରଣ ଏବଂ ବଲାଙ୍ଗିର କଂଗ୍ରେସ ଦଳ ସମର୍ଥନରେ ଏକ ରାସ୍ତାରୋକ ଆନ୍‌ଦୋଳନ କରାଯାଇଥିଲା । ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବିଧାୟକ ଥିବା ବେଳେ ୧୪୧ ରୁ ଉର୍ଦ୍ଧ୍ୱ ଗରିବ ଭୂମିହୀନଙ୍କୁ ନରସିଂହ ନଗର ସଦାଇପାଲି ଠାରେ ଘରଡିହ ଚିହ୍ନଟ କରି ଜମି ପ୍ରଦାନ କରାଇଥିଲେ । ଚିହ୍ନଟ ଜାଗାକୁ ରାସ୍ତା ନ ଥିବା ତତ୍‌କାଳିନ ବିଧାୟକ ଶ୍ରୀ ମିଶ୍ର ନିଜ ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କାର ଅନୁଦାନ ରାଶି ରାସ୍ତା ନିର୍ମାଣ ପାଇଁ ପ୍ରଦାନ କରିଥିଲେ । ସେହି କାମ ପାଇଁ ଫକିର ଥାଟି ନାମକ ଜଣେ ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ ସତ୍ତ୍ୱେ ବ୍ଲକ କର୍ତ୍ତୃପକ୍ଷ ଚଂଚକତ କରି ଉକ୍ତ ଅନୁଦାନ ରାଶିକୁ ବାଟମାରଣା କରିଛନ୍ତି । ଏହାକୁ ନେଇ ଯେତେ ଅଭିଯୋଗ କଲେ ହେଁ ସେ ସବୁ ଅଭିଯୋଗ କୁ ଅଣଦେଖା କରିବାରୁ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତି ପୋଲିସରେ ଗୋଷ୍ଠି ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିଲେ କିନ୍ତୁ ଦୁର୍ଭାଗ୍ୟ ଯେ ତା ସତ୍ତ୍ୱେ ମଧ୍ୟ ପୋଲିସ କୌଣସି ଅନୁସନ୍ଧାନ ଆଜି ପର୍ଯ୍ୟନ୍ତ କରିନାହିଁ । ପୋଲିସ ଦ୍ୱାରା କ୍ଷେତ୍ର ପରିଦର୍ଶନ ତ ଦୂରର କଥା ଏପରି କି ଅଭିଯୋଗକାରୀଙ୍କ ପାଖକୁ ଯାଇ ମଧ୍ୟ ମାମଲା ଓ ଦୁର୍ନିତି ସମ୍ବନ୍ଧରେ ତଥ୍ୟ ସଂଗ୍ରହ ପାଇଁ ପୋଲିସ ଚେଷ୍ଟା ମଧ୍ୟ କରିନାହିଁ । ଓଲଟା ଦୁର୍ନିତିଗ୍ରସ୍ତ ବ୍ଲକ କର୍ତ୍ତୃପକ୍ଷ ତଥା ସେଠାକାର ନିର୍ବାଚିତ ରାଜନେତାଙ୍କୁ ସୁହାଇଲା ଭଳି ସମୟ ଗତି ଚାଲିଛି । ତେଣୁ ପୋଲିସ ଓ ପ୍ରଶାସନର ବାରମ୍ବାର ଅବହେଳା ଯୋଗୁଁ ଅଭିଯୋଗକାରୀ ଓ ନରସିଂହ ନଗର ଲୋକେ ଅତିଷ୍ଠ ହୋଇ ଆଜି ରାସ୍ତାରୋକ କରିବାକୁ ବାଧ୍ୟ ହୋଇଥିଲେ । ଦିର୍ଘ ୧ ଘଣ୍ଟା କାଳ ରାସ୍ତା ଅବରୋଧ ହେବାରୁ ଅତିରିକ୍ତ ତହସିଲଦାର ଆନ୍ଦୋଳନ ସ୍ଥଳକୁ ଯାଇ ଅଭିଯୋଗକାରୀଙ୍କ ଦାବି ଗୁଡିକୁ ଉପରିସ୍ତ ଅଧିକାରୀଙ୍କୁ ଜଣାଇ ତାର ସମାଧାନ ଦିଗରେ ପଦକ୍ଷେପ ନେବା ପ୍ରତିଶୃତି ଦେବା ପରେ ଆନ୍‌ଦୋଳନ ସ୍ଥଗିତ କରାଯାଇଥିଲା । ଏ ସଂପର୍କରେ ତତ୍‌କାଳିନ ବିଧାୟକ ନରସିଂହ ମିଶ୍ରଙ୍କୁ ଗଣମାଧ୍ୟମ ପଚାରିବାରୁ ସେ କହିଥିଲେ ବର୍ତ୍ତମାନ ଯେହେତୁ ଏଫ୍ ?ଆଇଆର ରୁଜୁ ହୋଇସାରିଛି ଏବଂ ବର୍ତ୍ତମାନର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜଣେ ନିଷ୍ଠାବାନ ଏବଂ ଦକ୍ଷ ଅଫିସର ତେଣୁ ତାଙ୍କୁ ମୁଁ ପୁଣି ଅଭିଯୋଗ କର୍ତ୍ତାଙ୍କ ତରଫରୁ ଅନୁରୋଧ କରୁଛି ଏହି ମାମଲା ର ନିରପେକ୍ଷ ଅନୁସନ୍ଧାନ ସେ ନିଜେ କରନ୍ତୁ ଏବଂ ଘଟଣାକୁ ଯେହେତୁ ୨ ବର୍ଷ ରୁ ଅଧିକ ହେଇଗଲାଣି ତେଣୁ ଅନୁସନ୍ଧାନରେ ଶିଘ୍ରତା ଆଣି କମ ସମୟ ମଧ୍ୟରେ ଦୋଷୀଙ୍କୁ ଦଣ୍ଡ ଏବଂ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ । ଆହୁରି ମଧ୍ୟ ଆନ୍‌ଦୋଳନକାରୀମାନେ ଆନ୍‌ଦୋଳନ ସ୍ଥଳକୁ ଆସିଥିବା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଯେଉଁଥିରେ ସରକାରୀ ଅର୍ଥ ବାଟମାରଣା କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଦୁର୍ନିତି ତଦନ୍ତର ଅଗ୍ରଗତି ସମ୍ପର୍କରେ ଅଭିଯୋଗକାରୀଙ୍କ ଅବଗତ କରିବା, ଅନୁଦାନ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଛି କି ନାହିଁ ତା

ଆଞ୍ଚଳିକ ସମୁନ

ଶୁକ୍ରବାର,୨୦ ନଭେମ୍ବର ୨୦୨୬, ଭୁବନେଶ୍ୱର Friday,20 November 2026, Bhubaneswar















ନାବାଳିକାଙ୍କୁ ଯୌନ ନିର୍ଯ୍ୟାତନା ମାମଲା

୭୩ ବର୍ଷୀୟ ବୃଦ୍ଧଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୧୯।୧୧ :(ମନ୍ଥନ) ଜଣେ ମାନସିକ ଅନଗ୍ରସର ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବାମାମଲାର ବିଚାର କରି ଆଜି ଅନୁଗୋଳ ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ଆଡହକ୍ ଅତିରିକ୍ତ ଜିଲ୍ଲାଓ ଦୌରା ଜଜ୍ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ମିଶ୍ର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ମାନ୍ୟବର ଅଦାଲତଏହି ମାମଲାର ଅଭିଯୁକ୍ତ ଇଣ୍ଡଷ୍ଟ୍ରିଆଲ (ନିଶା) ଥାନା ଅନ୍ତର୍ଗତ ବଡ଼କେରେଜଙ୍ଗ ଗ୍ରାମର କରତିଆ ସାହିରନାଥ ନାଏକ (୭୩)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନାଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖରହିଛି । ସୂଚନା ଅନୁସାରେ ଗତ ତା ୦୯.୦୫.୨୦୨୫ରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଇଣ୍ଡଷ୍ଟ୍ରିଆଲ (ନିଶା) ଥାନାଅଞ୍ଚଳର ଜଣେ ୧୩ ବର୍ଷୀୟା ମାନସିକ ଅନଗ୍ରସର ନାବାଳିକା ଆମ୍ଭ ଗୋଟାଇବାକୁ ଯାଇଥିଲେ । ଏହିସମୟରେ ଅଭିଯୁକ୍ତ ନାଥ ନାଏକ ନାବାଳିକାଙ୍କୁ ଏକୁଟିଆ ପାଇ ଜଙ୍ଗଲ ନିକଟକୁ ଟାଣି ନେଇ ଅସଦାଚରଣଓ ଯୌନ ନିର୍ଯାତନା ଦେଇଥିଲେ । ନାବାଳିକା ଜଣକ ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଫେରାରହୋଇଯାଇଥିଲା ।ଏ ନେଇ ନାବାଳିକାଙ୍କ ମାଆ ତା ୧୦.୦୫.୨୦୨୫ରିଖରେ ଇଣ୍ଡଷ୍ଟ୍ରିଆଲ (ନିଶା) ଥାନାରେ ଲିଖିତ ଅଭିଯୋଗକରିଥିଲେ । ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ ୧୨୩/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତଆରମ୍ଭ କରିଥିଲା । ତଦନ୍ତକାରୀ ଅଧିକାରୀ ଏସ୍.ଆଇ ଏ. ପାତ୍ର ଘଟଣାର ତଦନ୍ତ କରି ଅଭିଯୁକ୍ତ ନାଥନାଏକଙ୍କୁ ତା ୧୨.୦୫.୨୦୨୫ରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।ଅଦାଲତଙ୍କ ରାୟ ଓ କ୍ଷତିପୂରଣ ନିର୍ଦ୍ଦେଶ:ସ୍ୱେଶାଲ୍ ପୋକ୍ସୋ କେସ୍ ନଂ ୩୦/୨୦୨୫ର ବିଚାରଣା ସମୟରେ ମୋଟ ୧୦ ଜଣ ସାକ୍ଷୀଙ୍କ ବୟାନ ଓ ୨୨ଟିଦସ୍ତାବିଜ୍ ପ୍ରମାଣକୁ ଭିତ୍ତି କରି ମାନ୍ୟବର ଅଦାଲତ ଅଭିଯୁକ୍ତକୁ ପୋକ୍ସୋ ଆଇନର ଧାରା ୧୦ ଅଧୀନରେଦୋଷୀ ସାବ୍ୟସ୍ତ କରିଥିଲେ । ଅଭିଯୁକ୍ତଙ୍କ ବୟସକୁ ଦୃଷ୍ଟିରେ ରଖି ଅଦାଲତ ତାଙ୍କୁ ୫ ବର୍ଷ ସଶ୍ରମକାରାଦଣ୍ଡାଦେଶ ଶୁଣାଇଛନ୍ତି ।ଏହା ସହିତ ପୀଡ଼ିତା ନାବାଳିକାଙ୍କ ଥଇଥାନ ପାଇଁ ପୋକ୍ସୋ ଆଇନର ଧାରା ୩୩(୮) ଅନୁଯାୟୀ ୨ ଲକ୍ଷଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥରାଶି ତୁରନ୍ତ ପୀଡ଼ିତାଙ୍କୁପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ , ଅନୁଗୋଳର ସଚିବଙ୍କୁ ନିର୍ଦ୍ଦେଶଦିଆଯାଇଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଶ୍ରୀଯୁକ୍ତ ରଞ୍ଜନ କୁମାର ପାତ୍ର ଏହି ମାମଲାପରିଚାଳନା କରୁଥିଲେ ।

ସାମ୍ଭାବ୍ୟ ବାତ୍ୟା ଅକବାନ ପ୍ରଭାବକୁ ନଜର ରଖି ୧ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ

ପିପିଲି,୧୯।୧୧ :(ମନ୍ଥନ) ସାମ୍ଭାବ୍ୟ ବାତ୍ୟା ଅକବାନର ମୁକାବିଲା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ପିପିଲି ବ୍ଲକ ସମେତ ସବୁ ବ୍ଲକ ପ୍ରଶାସନକୁ ସଜାଗ ରଖାଯାଇଛି । ପିପିଲି ବ୍ଲକର ତଳିଆ ଅଂଚଳ,ନଦୀକୂଳିଆ ଗ୍ରାମ ଏବଂ କଚାଘରେ ବସବାସ କରୁଥିବା ଲୋକ,ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ ଓ ପକ୍କାଘର ବିଦ୍ୟାଳୟ ଗୃହକୁ ସ୍ଥାନା‘ର ପ୍ରକ୍ରିୟା ଆରମ୍ଭ ହୋଇଛି । ବର୍ତମାନ ସୁଧା ପିପିଲି ବ୍ଲକର ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ୬୨ଟି ସମେତ ୪ ଟି ସ୍ଥାୟୀ



ବାତ୍ୟା ଆଶ୍ରୟସ୍ଥଳୀରେ ଏକ ହଜାର ଲୋକଙ୍କୁ ସ୍ଥାନା‘ରିତ କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ସହାୟତ। ସେବା ଯଥା ଶୈକ୍ଷିକ ପରାମର୍ଶ ଅଧିବେଶନରଆୟୋଜନ, ଅ।ସାଇନମେଣ୍ଟ ଓ ପ୍ରକଳ୍ପ ମୂଲ୍ୟାୟନ, ବିଭିନ୍ନ ପ୍ରାୟୋଗିକ ପରୀକ୍ଷା ଆୟୋଜନ ତଥା ପ୍ରକଳ୍ପ ପ୍ରସ୍ତୁତିରେ ଉପଯୁକ୍ତମାର୍ଗଦର୍ଶନ, ନୂଆ ନୂଆ କାର୍ଯ୍ୟକ୍ରମର ଆରମ୍ଭ (ଏକ୍ଟିଭେଶନ) ଓ ନୂଆ ଶୈକ୍ଷିକ ପରାମର୍ଶଦାତାଙ୍କର ପଞ୍ଜୀକରଣ ସମ୍ପର୍କରେ ଆଲୋଚନାକରିଥିଲେ । ପରବର୍ତୀ ଅଧିବେଶନରେ ଆଞ୍ଚଳିକ ନିର୍ଦ୍ଦେଶକ ଡଃ ବିଜୟ କୁମାର ସାହୁ ଓ ଡାଃ ସୁଧୀର କୁମାର ବେଉରା, ୫ଟଚଶିକ୍ଷାର୍ଥୀ ସହାୟତା କେନ୍ଦ୍ରରେ ବିତ୍ତୀୟ ପରିଚାଳନା ଓ ସବୁ ଖର୍ଚ୍ଚର ସଠିକ ହିସାବ କିତାବ ରଖିବା ଓ ବିଭିନ୍ନ ଶିକ୍ଷାର୍ଥୀ ସହାୟତା ସେବାସକାଶେ ଯୋଗାଇ ଦିଆଯାଉଥିବା ନେଇ ବିଡିଓ ସରୋଜ କୁମାର ରାଉତ ସୂଚନା ଦେଇଛନ୍ତି । ଚହ୍ନଟ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟ ଗୁଡିକରେ ରନ୍ଧାଖାଦ୍ୟ ,ବିଶୁଦ୍ଧ ପାନୀୟ ଜଳ, ଆଲୋକର ବ୍ୟାବସ୍ଥା ଜେନେରେଟର ଏବଂ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ପ୍ରବଳ ବର୍ଷା ଓ ପବନର ସତର୍କତା ପାଇଁ ପୁରୀ ଜିଲ୍ଲାର ସମସ୍ତ ସ୍କୁଲ,କଲେଜ ଏବଂ ଅଙ୍ଗନବାଡି କେନ୍ଦ୍ର ଗୁଡିକ ନଭେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି ।

ବିଧାୟକଙ୍କ ଦ୍ୱାରା ସାମ୍ଭାବ୍ୟ ବାତ୍ୟା ଅକବାନର ସମୀକ୍ଷା

ପିପିଲି,୧୯।୧୧ :(ମନ୍ଥନ) ସାମ୍ଭାବ୍ୟ ବାତ୍ୟା ଅକବାନର ମୁକାବିଲା ପାଇଁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପିପିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ସମୀକ୍ଷା କରିଛନ୍ତି ।ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,ବିଡିଓ ସରୋଜ କୁମାର ରାଉତ,ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ,ପିପିଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବାତ୍ୟା ଅକବାନକୁ କେମିତି ସଫଳତାର ସହିତ ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରାଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ଲୋକମାନଙ୍କ ପାଖରେ ସରକାରଙ୍କ ସମସ୍ତ ସୁବିଧା ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ,ବିଶୁଦ୍ଧ ପାନୀୟ ଜଳ,ଆଲୋକିକରଣ ଜେନେରେଟର



,ସ୍ୱାସ୍ଥ୍ୟସେବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୁବିଧା ଯୋଗାଇ ଦିଆଯାଇ ପାରିବ ସେଥିପ୍ରତି ଯତ୍ନବାନ ରହି କାମ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି ।

ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ପରିସରରେ ବିଶ୍ୱବିଦ୍ୟାଳୟର ୪୧ତମ ସ୍ଥାପନ ଦିବସ ପାଳନ

ଅନୁଗୋଳ,୧୯।୧୧ :(ମନ୍ଥନ) ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ କେନ୍ଦ୍ର, ଅନୁଗୁଳ ପରିସର ଭିତରେ ବିଶ୍ୱବିଦ୍ୟାଳୟର୪୧ତମ ସ୍ଥାପନା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସମାରୋହରରେ ନିକଟସ୍ଥ ସମସ୍ତ ଶିକ୍ଷାର୍ଥୀ ସହାୟତାକେନ୍ଦ୍ରର ସଂଯୋଜକ ତଥା ଶୈକ୍ଷିକ ପରମର୍ଶଦାତାମାନେ ଯୋଗ ଦେଇଥିଲେ । ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡଃ ଅଭିଲାଷ ନାୟକସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ତାପରେ ସେ ବିଶ୍ୱବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋଚନା କରିବା ସାଙ୍ଗକୁବିଶ୍ୱବିଦ୍ୟାଳୟ ତଥା ଆଞ୍ଚଳିକ କେନ୍ଦ୍ରର ବିଭିନ୍ନ ଉପଲବଧି ଓ ଡିଜିଟାଲ ଶିକ୍ଷାକ୍ଷେତ୍ରରେ ଯୋଗଦାନ ଉପରେ ଆଲୋକପାତ କରିଥିଲେ ।ବିଶ୍ୱବିଦ୍ୟାଳୟର ଉପଲବଧି ସବୁ ଆଲୋଚନା କରିବା ସମୟରେ ସେ ବିଶ୍ୱବିଦ୍ୟାଳୟରେ କ୍ରମବର୍ଦ୍ଧିଷ୍ଣୁ ପ୍ରୋଗ୍ରାମ ଓ ଶିକ୍ଷାର୍ଥୀ ସଂଖ୍ୟା,୩୪୦ MOOC, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ୨ ହଜାରରୁ ଅଧିକ ଶିକ୍ଷାର୍ଥୀ ସହାୟତା କେନ୍ଦ୍ର ମାଧ୍ୟମର ବିଶ୍ୱବିଦ୍ୟାଳୟର ଉପସ୍ଥିତି,ନବସୃଜନ ଓ ଉଦ୍ୟମିତାରେ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ଅବଦାନ, ନୂଆକରି ଆରମ୍ଭ ହୋଇଥିବା ଅନଲାଇନ ମାଧ୍ୟମରେଅ।ସାଇନମେଣ୍ଟ ଓ ପ୍ରୋଜେକ୍ଟ ଜମା କରିବା ସୁବିଧା, ଓଡିଶାର ରାଇରଙ୍ଗପୁର ଠାରେ ଆଦିବାସୀ ଯୁବକ ଯୁବତୀମାନଙ୍କର ଦକ୍ଷତାବିକାଶ ତଥା ଶୈକ୍ଷିକ ସଶକ୍ତିକରଣ ସକାଶେ ଏକ ଆଞ୍ଚଳିକ କେନ୍ଦ୍ରର ପ୍ରତିଷ୍ଠା ଓ ମୁମ୍ବାଇ ସହିତ ଏକ ସହବନ୍ଧନ ମାଧ୍ୟମରେବିଶ୍ୱବିଦ୍ୟାଳୟର ସମସ୍ତ ପାଠ୍ୟକ୍ରମର ଆଞ୍ଚଳିକ ଭାଷାରେ ଅନୁବାଦ ଭଳି ବିଭିନ୍ନ ବିଷୟରେ ବକ୍ତବ୍ୟ ରଖିଥିଲେ । ସଂଯୋଜକ ମାନଙ୍କୁଉଦ୍‌ବୋଧନ ଦେଲାବେଳେ ସେ ଶିକ୍ଷାର୍ଥୀ ସହାୟତା କେନ୍ଦ୍ରର ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଓ ସ୍ଥାପନ।ଦିବସରେ ବିଶ୍ୱବିଦ୍ୟାଳୟକୁ ପଶ୍ଚିମ ଓଡିଶାର ପ୍ରତ୍ୟେକ କୋଣ-ଅନୁକୋଣରେ ପହଞ୍ଚାଇବାକୁ ସଂକଳ୍ପ କରିବାକୁ କହିଥିଲେ । ତାପରେଆଞ୍ଚଳିକ ନିର୍ଦ୍ଦେଶକ ଡଃ ବିଜୟ କୁମାର ସାହୁ ବିଭିନ୍ନ ପ୍ରକାର ଶୈକ୍ଷିକ



ପାପଡାହାଣ୍ଡି ବ୍ଲକ ଅଫିସ ଘେରାଉ କଲା ବିଜେଡି

ନବରଙ୍ଗପୁର, ୧୯।୧୧ :(ମନ୍ଥନ) ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ ରେ ବିଳମ୍ବ ଏବଂ ମାସିକ ୩ ହଜାର ଟଙ୍କା ଭତ୍ତା ପ୍ରଦାନ ଦାବି ନେଇ ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆଜି ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ଶତାଧିକ ବୃଦ୍ଧବୃଦ୍ଧା ଓ ଦଳୀୟ କର୍ମୀ ବ୍ଲକ କାର୍ଯ୍ୟାଳୟ ଘେରାଓ କରିବା ସହ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୭ରୁ ୮ ମାସ ଧରି ବହୁ ହିତାଧିକାରୀ ନିୟମିତ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସରକାରୀ କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ମିଳୁଥିବା ବେଳେ ବୟସ୍କ ବ୍ୟକ୍ତିଙ୍କ ଭତ୍ତା ପ୍ରଦାନରେ କାହିଁକି ବିଳମ୍ବ ହେଉଛି ବୋଲି ବିଜେଡି ନେତୃବୃନ୍ଦ ପ୍ରଶ୍ନ କରିଛନ୍ତି । ଦୀର୍ଘ ମାସ ଧରି ଭତ୍ତା ନମିଳିବା ଫଳରେ ହିତାଧିକାରୀମାନେ ଔଷଧ କିଣିବା ଓ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦଳ ପକ୍ଷରୁ କୁହାଯାଇଛି ।ଏଥିସହ, ବର୍ତ୍ତମାନର ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମାସିକ ୩,୦୦୦ ଟଙ୍କା ଭତ୍ତା ତୁରନ୍ତ ଲାଗୁ କରିବାକୁ ବିକ୍ଷୋଭକାରୀ ମାନେ ଦାବି କରିଛନ୍ତି। ସୂଚନା ଯୋଗ୍ୟ ଯେ, ପାପଡ଼ାହାଣ୍ଡି ପୂର୍ବରୁ ଜିଲ୍ଲା ବିଜେଡି ପକ୍ଷରୁ ରାଇଘର, ଉମରକୋଟ ଏବଂ ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ସମାନ ଦାବି ନେଇ ଆନ୍ଦୋଳନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବରିଷ୍ଠ ବିଜେଡି ନେତା, କର୍ମୀ ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବୃଦ୍ଧବୃଦ୍ଧା ସାମିଲ ହୋଇଥିଲେ।

ବାତ୍ୟା ଆଶଙ୍କାରେ କାକଟପୁର ଅଞ୍ଚଳର ଧାନ ଚାଷୀ ଚିନ୍ତାରେ

ଅନ୍ତରଙ୍ଗ,୧୯।୧୧ :(ମନ୍ଥନ) ସମ୍ଭାବ୍ୟ ବାତ୍ୟାକୁ ନେଇ ଅନ୍ତରଙ୍ଗ,କାକଟପୁର ଅଞ୍ଚଳର ଧାନ ଚାଷୀଙ୍କ ମଧ୍ୟରେ ଦେଖାଦେଇଛି ଚିନ୍ତା ଓ ଆଶଙ୍କା। ଆଉ ମାତ୍ର କିଛି ଦିନ ବ୍ୟବଧାନ ରେ ଧାନ ଅମଳର ସମୟ ହୋଇଥିବାରୁ ବାତ୍ୟାର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହେଲେ ପାଚିଲା ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ।ଅନ୍ତରଙ୍ଗ, କାକଟପୁର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଚାଷୀମାନେ ଧାନ ଅମଳ ପାଇଁ ପ୍ରସ୍ତୁତି ଚଲାଇଥିବା ବେଳେ ବାତ୍ୟା ଖବର ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି । କ୍ଷେତରେ ପାଚିଲା ଧାନ ଥିବାରୁ ବର୍ଷା ହେଲେ ଧାନ ଗଛ ଭାଙ୍ଗିଯିବା, ଜମିରେ ପାଣି ଜମିବା ଏବଂ ଅମଳ ଧାନ ନଷ୍ଟ ହେବାର ଭୟ ଘାରିଛି ଚାଷୀଙ୍କୁ ।


ଯାଜପୁରରେ ଦେଖିବାକୁ ମିଳିଛି ବାତ୍ୟା ପ୍ରଭାବ

ଯାଜପୁର,୧୯।୧୧ :(ମନ୍ଥନ) ଯାଜପୁରରେ ଦେଖିବାକୁ ମିଳିଛି ବାତ୍ୟା ପ୍ରଭାବ। ବାତ୍ୟାର ପ୍ରଭାବ ଧୀରେ ଧୀରେ ଅନୁଭୂତ ହେଉଥିବା ବେଳେ ଜିଲ୍ଲାର ଅଧିକାଂଶ ସ୍ଥାନରେ ସକାଳ ଠାରୁ ଝିପିଝିପି ବର୍ଷା ଲାଗି ରହିଛି । ଏଥିସହିତ ବିଭିନ୍ନ ସ୍ଥାନରେ ବଢ଼ିବାରେ ଲାଗିଛି ବର୍ଷାର ପରିମାଣ। ଆକାଶ ମେଘୁଆ ରହିବା ସହ ଜାରି ରହିଛି ବର୍ଷା। ଯାଜପୁରରେ ବାତ୍ୟା ପାଇଁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯିବା ସହ ମୁଖ୍ୟାଳୟ ଛାଡ଼ିବାକୁ ବାରଣ କରାଯାଇଛି ।ଆଜି ଠାରୁ ୨୨ତାରିଖ ଯାଏଁ ସମସ୍ତ ସରକାରୀ ଦପ୍ତରରେ କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ିବାକୁ ମନା ହୋଇଛି । ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଏନେଇ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଧାନ ଥୋଡ ବାହାରି ପାଚିବା ଆରମ୍ଭ କରିଥିବାରୁ ଚାଷୀଙ୍କ ଚିନ୍ତା ମଧ୍ୟ ବଢିଯାଇଛି । ଅଧିକ ବର୍ଷା ହେଲେ ପନିପରିବା ଫସଲ ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ଦେଖାଦେଇଛି । ତେବେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲାପ୍ରଶାସନର ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ।

ନୟାଗଡ଼ ମୁଖ୍ୟ ଚିକିତ୍ସାଳୟ ଡାକ୍ତର ଓ ଆଇନୀଜୀବୀଙ୍କ ପରସ୍ପର ବିରୋଧରେ ସଂଗୀନ ଅଭିଯୋଗ

ଥାନାରେ ପୃଥକ ଏଫଆଇଆର ଆବେଦନ

ନୟାଗଡ଼, ୧୯।୧୧ :(ମନ୍ଥନ) ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର କେତେକ ଡାକ୍ତର ଏବଂ ସ୍ଥାନୀୟ ଆଇନଜୀବୀ ରଣଜିତ ଦାଶ ଓରଫ ଜିତୁଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଛି। ଉଭୟ ପକ୍ଷ ପରସ୍ପର ବିରୋଧରେ ଗମ୍ଭୀର ଅଭିଯୋଗ ଆଣି ନୟାଗଡ଼ ଟାଉନ୍ ଥାନାରେ ପୃଥକ ଏଫ୍.ଆଇ.ଆର୍ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି ।ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନଙ୍କ ପକ୍ଷରୁ ଟାଉନ୍ ଥାନା ଇନ୍‌ସପେକ୍ଟର ଇନ୍-ଚାର୍ଜଙ୍କୁ ଦିଆଯାଇଥିବା ଅଭିଯୋଗ ଅନୁଯାୟୀ, ଆଡଭୋକେଟ୍ ରଣଜିତ ଦାଶ ଓରଫ ଜିତୁ ଏବଂ ତାଙ୍କ ସହଯୋଗୀମାନେ ହସ୍ପିଟାଲ୍ ପରିସର, ଓ.ପି.ଡି ଅନ୍ତର୍ବିଭାଗ ୱାର୍ଡ, ଲେବର ରୁମ୍ ଏବଂ ସି.ଡି.ଏମ୍ ଓ ପି.ଏଚ୍.ଓ ଙ୍କ ଚାମ୍ବର ନିକଟରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଡାକ୍ତର ଓ କର୍ମଚାରୀମାନଙ୍କୁ ଧମକ ଦେଇଛନ୍ତି। କେତେକ ଡାକ୍ତରଙ୍କ ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ ପ୍ରକାଶ କରାଯିବା, ଅର୍ଥ ଦାବି କରାଯିବା ଏବଂ ଆନ୍ଦୋଳନ ବନ୍ଦ କରିବା ବଦଳରେ ଅର୍ଥ ପ୍ରଦାନ ପାଇଁ ଚାପ ପକାଯାଇଥିବା ଅଭିଯୋଗ ହୋଇଛି । ଏହାସହ ଏକ ଘରୋଇ ଡାଏଗ୍‌ନୋଷ୍ଟିକ୍ ସେଣ୍ଟରରେ ଡାକ୍ତରଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରାଯାଇଛି ।ଏହି ଘଟଣା ଯୋଗୁଁ ହସ୍ପିଟାଲ୍ ସେବା, ରୋଗୀଙ୍କ ଚିକିତ୍ସା ଏବଂ କର୍ମଚାରୀଙ୍କ ସୁରକ୍ଷା ପ୍ରଭାବିତ ହେଉଥିବା ଡାକ୍ତରମାନେ ଦର୍ଶାଇଛନ୍ତି। ଓଡ଼ିଶା ମେଡିକେୟାର ସର୍ଭିସ୍ ପର୍ସନ୍ସ ଆଣ୍ଡ ମେଡିକେୟାର ସର୍ଭିସ୍ ଇନଷ୍ଟିଚ୍ୟୁସନ୍ସ (ପ୍ରିଭେନସନ୍ ଅଫ୍ ଭାଏଲେନ୍ସ ଆଣ୍ଡ ଡ୍ୟାମେଜ୍ ଟୁ ପ୍ରପର୍ଟି) ଆକ୍ଟ, ୨୦୦୮ ଏବଂ ଭାରତୀୟ ନ୍ୟାୟ ସଂହିତା ର ପ୍ରାସଙ୍ଗିକ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଓ ପୋଲିସ ସୁରକ୍ଷା ପାଇଁ ଡାକ୍ତରମାନେ ଅନୁରୋଧ କରିଛନ୍ତି ।ଅନ୍ୟପକ୍ଷରେ, ଆଇନଜୀବୀ ରଣଜିତ ଦାଶ ଟାଉନ୍ ଥାନା ଇନ୍‌ସପେକ୍ଟର ଇନ୍-ଚାର୍ଜ (ଏବଂ ନକଲ ଏସ୍.ପି, ନୟାଗଡ



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ମୋତେ ଥେରାପି ଦରକାର

ପ୍ରଫେସର ଡାକ୍ତର ସମ୍ରାଟ କର

ସୁନୀଲ କଟକର ଏକ ପ୍ରତିଷ୍ଠିତ ବିଦ୍ୟାଳୟର ଛାତ୍ର। ଭଲ ମାର୍କ ରଖିବା ପିଲା, ଚିତ୍ରାଙ୍କନ ମଧ୍ୟ ତାର ଖୁବ ଭଲ ହୁଏ। ତେବେ କିଛି ଦିନ ତଳେ ତାର ଅଚାନକ ହାବଭାବ ତା ପରିବାର ଓ ନିକଟତମ ଲୋକଙ୍କୁ ଯେତିକି ବିଚଳିତ କରିଦେଇଛି ସେତିକି ଆତଙ୍କ ମଧ୍ୟ। ସୁନୀଲର ବାପା ଚନ୍ଦ୍ରଶେଖର ମୋ ସ୍କୁଲ ସମୟର ସାଙ୍ଗ। ମୁଁ ତାଙ୍କୁ ପଚାରିବାରୁ ସେ କହିଲେ ଅନେକ ସମୟ ସେ ଗୁମସୁମ ରହୁଛି ତେବେ ବେଳେ ବେଳେ କହୁଛି 'ମୋତେ ଥେରାପି ଦରକାର।' ତାଙ୍କ ବ୍ୟସ୍ତତା ଜାଣି ସୁନୀଲ ସମ୍ପର୍କରେ ତା ନିତିଦିନିଆ ଜୀବନଶୈଳୀ, ଆଗ୍ରହ, ସମ୍ପର୍କ ଓ ଦୁଃଖ କିଛି କଥା ବୁଝିଲି। କିନ୍ତୁ କେବଳ ଏହା ସୁନୀଲଙ୍କ ସମସ୍ୟା ନୁହେଁ ଏହିପରି ଅନେକ ସୁନୀଲ ଆମ ସାମ୍ନାରେ ଅଛନ୍ତି। ବର୍ତ୍ତମାନର ସମୟ ହେଉଛି ଡିଜିଟାଲର ସମୟ, ଧାଁ ଧଉଡ, ଅର୍ଥ ରୋଜଗାର, ପ୍ରେମ, ଚାକିରୀ, ସ୍ୱାସ୍ଥ୍ୟହାନୀ ପରି କିଛି ସତୀର୍ଥ ମାନଙ୍କୁ ନେଇ ଏକ ବ୍ୟସ୍ତପୂର୍ଣ୍ଣ। ବର୍ତ୍ତମାନ ସମୟରେ ପାଠପଢ଼ା, ମାନସିକ ଚାପ, ଆଉ କର୍ମକ୍ଷେତ୍ରରେ ସମସ୍ୟା, ସମ୍ପର୍କରେ ଦୂରତା ବା ତିକ୍ତତା ଏକ ସାଧାରଣ କଥା ହୋଇଗଲାଣି। ଅନେକ ପରିବାରରେ ଏହି ସମସ୍ୟା ଏକ ଅଜଣା ଦୁଃଖଦ ବନ୍ଧୁ ଭାବେ ଆର୍ବିଭାବ ହୋଇଛି। ତେବେ ଏହି ସମସ୍ୟାରୁ ମୁକ୍ତି ପାଇଁ ଜଣେ ମନୋବିଜ୍ଞାନୀଙ୍କ ପରାମର୍ଶରେ ଥେରାପି ନେବା ଦରକାର କିମ୍ବା ନାହିଁ ଏହା ହିଁ ହେଉଛି ବଡ଼ ପ୍ରଶ୍ନ। ମୂଳକଥାଟି ହେଉଛି ଆମ ସମାଜରେ ପିଲାଟି ତା ବାପା-ମାଆଙ୍କ ସାମ୍ନାରେ 'ମୋତେ ଥେରାପି ଦରକାର' ବୋଲି ଖୋଲା କହିବା ଏତେ ସହଜ ନୁହେଁ। ମୋ ଜାଣିବାରେ ଅନେକ ପରିବାର ଅଛନ୍ତି ଯେଉଁଠି ପିଲାମାନେ ସହଜରେ ନିଜ ବାପା-ମାଆଙ୍କ ସହ କଥା ହେବାକୁ ଡରନ୍ତି, ନିଜର କିଛି କଥା ଖୋଲି କହିପାରନ୍ତି ନାହିଁ କିମ୍ବା ନିଜକୁ ହାଲକା ମଧ୍ୟ କରିପାରନ୍ତି ନାହିଁ। ଏହା ପଛର କାରଣଟି ହେଉଛି ସେମାନେ ଏହା ଭାବନ୍ତି ଯେ ଏ କଥା କହିବା ପରେ ହୁଏତ ପରିବାର ଲୋକ ଏହାକୁ ହାଲକା ନେବେ କିମ୍ବା ଏହାର ମଜାକ, ପରିହାସ ବା ସମାଲୋଚନା କରିବେ।

ଥେରାପି ସମ୍ପର୍କରେ ଆମେ ଆଲୋଚନା କରିବା ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋକପାତ କରୁଛୁ। ହାତରେ ମୋବାଇଲ ଧରି ସୋସିଆଲ ମିଡ଼ିଆରୁ ନିଜେ ଯାହା ବି ବୁଝିବା ପାଇଁ ପରଖିବା ପାଇଁ ଚାହୁଁଛି ହାତପାହାନ୍ତାରେ ପାଇପାରୁଛି। ଏସବୁ ଭିତରେ ମଧ୍ୟ ଭାରତୀୟ ପରିବାର ଗୁଡ଼ିକରେ ଥେରାପିକୁ ନେଇ କିଛି ଭୁଲ ଧାରଣା ରହିଛି। ଲୋକେ କ'ଣ କହିବେ ? ସମାଜରେ ଆମ ପଦ ପଦବୀ, ବଂଶର ଗରିମା, ପ୍ରତିଷ୍ଠାରେ ଏହା ଏକ ଦାଗ ଲାଗିଯିବନି ତ ? ପିଲାଟିର ଅନ୍ୟ ଭାଇଭଉଣୀଙ୍କ ସମ୍ପର୍କରେ ସମାଜର ସବୁ ମହଲରେ କି ଧାରଣା ସୃଷ୍ଟି ହେବ ? ପାଠପଢ଼ା କ୍ଷେତ୍ର ହେଉ ବା ବନ୍ଧୁବାନ୍ଧବ, ସାଙ୍ଗସାଥିଙ୍କ ମେଳରେ ସେ ପୂର୍ବପରି ସହଜ ଓ ଖୋଲାମେଲା ହୋଇପାରିବ ତ ? ଏହି ଭୟ ଭାରତୀୟ ବାପା-ମାଆଙ୍କର ସବୁଠାରୁ ବଡ଼ ସମସ୍ୟା। ଅନେକ ବାପା-ମାଆ ଭାବନ୍ତି ଯେ ଥେରାପି କେବଳ ସେତେବେଳେ ଦରକାର ଯେତେବେଳେ ପୁଅ କି ଝିଅ ଗୁରୁତର ମାନସିକ ରୋଗର ଶିକାର ହେବ।' ସେହିପରି ଅନ୍ୟ ଏକ ଦିଗ ସମ୍ପର୍କରେ ମଧ୍ୟ ଆମେ ଆଲୋଚନା ରଖୁଛୁ। ଯଦି ପିଲା ନିଜେ ମାନସିକ ଚାପ ଓ ସମସ୍ୟା ଭିତରେ ବୁଡ଼ି ରହିଥିବାର କଥା କହେ ସେମାନଙ୍କ ବାପା-ମାଆ କାଳେ ଭାବିବେ ଯେ ସେମାନଙ୍କ ସ୍ନେହ, ଆଦର, ଲାଳନପାଳନ ଯତ୍ନରେ ହୁଏତ କିଛି ତ୍ରୁଟି ରହିଯାଇଛି। ନିଜ ବାପା-ମାଆଙ୍କୁ ଭଲ ପାଉଥିବା ପିଲାଟି ଅନେକ ସମୟରେ ଭାବେ ତା ଦୁଃଖଦ ଘଟଣାଗୁଡ଼ା ହୁଏତ ବାପା-ମାଆଙ୍କୁ ଭାରାକ୍ରାନ୍ତ କରିପାରେ। ତା ଆଖି ସାମ୍ନାରେ ବାପାଙ୍କର ପରିବାର ଚଳାଇବା ପାଇଁ ଗୁରୁରାଣର ଚାପ ଓ ବ୍ୟସ୍ତତା, ମାଆଙ୍କର ସକାଳୁ ରାତ୍ରୀ ପର୍ଯ୍ୟନ୍ତ ଘର ଚଳାଇବା ପାଇଁ ଧାଁ ଧଉଡ଼ର ଅନବରତ ବିଶ୍ରାମହୀନ ସମୟ। ତେବେ ଏ ସବୁ ଭିତରେ ଜଣେ ଥେରାପି ସମ୍ପର୍କରେ ବା ନିଜେ ଚାହୁଁଥିବା ଆଘାତର ଉପଶମ ପାଇଁ କାହାର ସାହାଯ୍ୟ ଅପେକ୍ଷା ବରଂ କଷ୍ଟେମଷ୍ଟେ ସହିଯିବା ପାଇଁ ଉତ୍ତମ ବିଚାର କରନ୍ତି। ପିଲାମାନଙ୍କ ଥେରାପି ଠାରୁ ବର୍ତ୍ତମାନ ସମୟରେ ବରଂ ବାପା-ମାଆଙ୍କ ଥେରାପି ଆହୁରି ଗୁରୁତ୍ୱପୂର୍ଣ୍ଣ ଓ ପ୍ରାସଙ୍ଗିକ ମଧ୍ୟ। 'ମୋର ମାନସିକ ଚିକିତ୍ସା ଦରକାର'। ଏହା ହୁଏତ ଅନେକଙ୍କ ପାଇଁ ଏକ ଭାବନା ସୃଷ୍ଟି କରିଥାଏ ଯେ ଏହାକୁ ବ୍ୟକ୍ତ କରିଥିବା ଲୋକଟି ଏକ ମାନସିକ ରୋଗୀ। ଜଣେ ମାନସିକ ରୋଗୀର ଲକ୍ଷଣ ଓ ପରିପ୍ରକାଶକୁ ଉପଲକ୍ଷ୍ୟ କରି ଅନେକ ସାମାଜିକ ଭାବେ ସେମାନଙ୍କ ଠାରୁ ଦୂରେଇବାକୁ ଚେଷ୍ଟା କରନ୍ତି ତେଣୁ ଜଣେ ମାନସିକ ଚିକିତ୍ସା ଦରକାର କହିବା ପରିବର୍ତ୍ତେ ବରଂ ମୋର କର୍ମକ୍ଷେତ୍ର ବା କଲେଜର କାର୍ଯ୍ୟ ଦାୟିତ୍ୱ ସମ୍ଭାଳିବା ପାଇଁ କଷ୍ଟ ହୋଇଯାଉଛି। ତେଣୁ ଏ କ୍ଷେତ୍ରରେ ଜଣେ ଥେରାପି କିମ୍ବା କାଉନସିଲରଙ୍କ ସହାୟତା ମଧ୍ୟ ନେଇପାରନ୍ତି। ମାନସିକ ଚିକିତ୍ସା କ୍ଷେତ୍ରରେ ଥେରାପିର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ କଥାବାର୍ତ୍ତା ଦ୍ୱାରା ହିଁ ଏହାର ଚିକିତ୍ସା ଓ ସମସ୍ୟାର ନିରକାରଣ ହୋଇଥାଏ। ଏହା ପାଇଁ କୌଣସି ଔଷଧପତ୍ର ବା ଅନ୍ୟ କୌଣସି ଚିକିତ୍ସା ମଧ୍ୟ ଦରକାର ହୋଇନଥାଏ। ଗୋଟିଏ ବିଦ୍ୟାଳୟକୁ ଯାଉଥିବା ପିଲାଟି ଠାରୁ ନିତିଦିନ ପରିବାରର ଗୁରୁରାଣ ଚଳାଉଥିବା ଯେ କେହି, ଘରର ଜଣେ ଘରଣୀ ହୁଅନ୍ତୁ ବା ବୟସ ଶେଷାନ୍ଚର ଜଣେ ମଣିଷ। ସମସ୍ତେ ମାନସିକ ଭାବେ କୌଣସି ନା କୌଣସି କ୍ଷେତ୍ରରେ ଆହାତ, ଆଘାତ ପ୍ରାପ୍ତ। ସେମାନଙ୍କୁ ପରାମର୍ଶ ଓ ମନସ୍ତାତ୍ୱିକ ସାନ୍ତ୍ୱନା ଯେତିକି ଗୁରୁତ୍ୱପୂର୍ଣ୍ଣ ନିକଟତମ ଲୋକ, ବନ୍ଧୁବର୍ଗଙ୍କ ଭୂମିକା ସେତିକି ଉପଯୋଗୀ। ଜଣେ ନିଜର ନିତିଦିନିଆ ଜୀବନ ବ୍ୟସ୍ତତାକୁ ଦେଖି ରୁଟିନଟି ତିଆରି କରିବା ଦରକାର। ସକାଳ ଠାରୁ ବିଛଣାକୁ ଯିବା ପର୍ଯ୍ୟନ୍ତ ପ୍ରତିଟି ସମୟ ଓ ପରିପାର୍ଶ୍ୱିକ ଅନ୍ୟ ମାନଙ୍କୁ ଦେଖି କାର୍ଯ୍ୟ ନିର୍ଦ୍ଧାରଣ କରନ୍ତୁ। ନିଜକୁ ବ୍ୟସ୍ତ ରଖନ୍ତୁ, ନିଜ ପାଇଁ, ଘର ପରିବାର ପାଇଁ, ସମାଜ ପାଇଁ ଆପଣଙ୍କର ନିଜ କ୍ଷେତ୍ରରେ ଯାହା କାର୍ଯ୍ୟଦକ୍ଷତା ବା ଦାୟିତ୍ୱ ସମ୍ପାଦନତା ରହିଛି ତାହା ନିର୍ବାହ କରନ୍ତୁ। ସୁକ୍ଷମ ଖାଦ୍ୟ ଖାଆନ୍ତୁ, ଖୁବ ସକାଳୁ ଉଠନ୍ତୁ, ଯୋଗ, ଶାରୀରିକ ବ୍ୟାୟାମ ଖୁବ ଭଲ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ, ଜୀବନରେ ଯେ କୌଣସି ସମୟରେ ଯେକୌଣସି କଠିନତମ ଆହ୍ୱାନକୁ ମଧ୍ୟ ସମୟର ଏକ କଳା ଭାବେ ଗ୍ରହଣ କରନ୍ତୁ ଏବଂ ଖୁସିର ସମୟକୁ ଆନନ୍ଦମୟ ଭାବେ ଅନ୍ୟ ମାନଙ୍କ ସହିତ ବିତାନ୍ତୁ।

ଅନ୍ୟ ମାନଙ୍କର ଉନ୍ନତିକଳ୍ପେ ସବୁବେଳେ ମାନସିକ ଭାବେ ନିଜେ ଦୃଢ଼ ରହି ଅନ୍ୟ ମାନଙ୍କୁ ଦୃଢ଼ତାର ଶିକ୍ଷା ଦିଅନ୍ତୁ। ସମାଜରେ ଦିବ୍ୟାଙ୍ଗମାନଙ୍କୁ ସ୍ୱତନ୍ତ୍ର ସହାୟତା ଓ ସାଧମତେ ସେମାନଙ୍କ ସେବା ଦାୟିତ୍ୱ ନିର୍ବାହ କରିବାର ଭୂମିକା ଗ୍ରହଣ କରନ୍ତୁ। ଜୀବନକୁ ସକରାତ୍ମକ, ଖୋଲାମେଲା ସମ୍ପର୍କପ୍ରିୟତା ଓ ଅନ୍ୟ ମାନଙ୍କ ପାଇଁ ଅନୁରାଗ, ଭଲ ପାଇବା, ସେବା ସାହାଯ୍ୟର ମାନବିକତା ହେଉଛି ଏକ ଶ୍ରେଷ୍ଠ ଥେରାପି। ଥେରାପି ଆବଶ୍ୟକ କରୁଥିବା ଯେ କେହି ଜଣେ ମାନସିକ ରୋଗର ଟ୍ୟାଗ୍ ଲାଗିବ ଏହା ଆଦୌ ନୁହେଁ। ବର୍ତ୍ତମାନ ବିଦ୍ୟାଳୟ, କଲେଜରେ ଜଣେ କାଉନସିଲର ରଖିବା ସରକାରୀ ଭାବେ ଶିକ୍ଷାର ଏକ ଅଂଶ କରାଯିବା ସହ ଏହାକୁ ବାଧତାମୂଳକ କରିଛନ୍ତି। ଯଦି ଆବଶ୍ୟକ ମନେକରନ୍ତି ତେବେ ଜଣେ ମାନସିକ ରୋଗ ବିଶେଷଜ୍ଞ ବା ମାନସିକ ଡାକ୍ତର ଭାବେ ନୁହେଁ ଏହା ଭାବିବେ ଯେ ଯେପରି ଆପଣଙ୍କ କୌଣସି ସବଜେକ୍ଟ ପାଇଁ ଟ୍ୟୁସନ କିମ୍ବା କୌଣସି ସ୍ପୋର୍ଟସ୍ ପାଇଁ ଖେଳକୋଚଙ୍କ ପାଖକୁ ଯାଇଥାଉ ଠିକ ସେହିପରି ଜଣେ ବିଶେଷଜ୍ଞଙ୍କ ସହଯୋଗ ଦରକାର ହୋଇଥାଏ। ସେ କ୍ଷେତ୍ରରେ ମୁଁ ଆପଣଙ୍କ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛି।

ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ରାଇଦାମୋଦର ବେଶ ଓ ବାଳଧୂପ

କବୀର କୁମାର ଜେନା

କାର୍ତ୍ତିକ ମାସ ଆମ ପ୍ରତିଟି ଓଡ଼ିଆ ଘର ପାଇଁ ଏକ ପୁଣ୍ୟ ମାସ। ପ୍ରତ୍ୟୁଷରୁ ଶଙ୍ଖଧ୍ୱନୀ, ପ୍ରାର୍ଥନା, ସନ୍ଧ୍ୟା ପର୍ଯ୍ୟନ୍ତ ଦେବାଳୟରେ ନାମ ସଂକୀର୍ତ୍ତନ ସହିତ ଆକାଶଦୀପ ପ୍ରଜ୍ୱଳିତ ହୋଇଥାଏ। ହିନ୍ଦୁ ଆଧ୍ୟାତ୍ମିକ ସଂସ୍କୃତିରେ ଏହା ମାସ ଭିତରେ ଶ୍ରେଷ୍ଠ। 'ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ। ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ।।' ଶ୍ରୀକ୍ଷେତ୍ର ପୁରୀ ଭାରତ ବର୍ଷର ଏକ ମହାନ ଧର୍ମପୀଠ। ଶାସ୍ତ୍ରରେ କୁହାଯାଇଛି, ମହାକାର୍ତ୍ତିକ ମାସରେ ରାଇଦାମୋଦର ବ୍ରତ କରି ହବିଷ୍ୟାନ୍ନ ଭକ୍ଷଣ କଲେ ବିଶେଷ ପୁଣ୍ୟାର୍ଜନ ହେବା ସହିତ କଳ୍ପ କଳ୍ପର ପାଦ ଧୌତ ହୋଇଯାଏ। ତେଣୁ ବିଶେଷତଃ ବୟସ୍କା ମହିଳାମାନେ ମହାକାର୍ତ୍ତିକ ମାସରେ ରାଇଦାମୋଦର ବ୍ରତ ପାଳନ ସହିତ ହବିଷ୍ୟାନ୍ନ ଭକ୍ଷଣ କରି ମାସଟି ଅତ୍ୟନ୍ତ ନିଷ୍ଠାର ସହିତ ଅତିବାହିତ କରନ୍ତି। ହବିଷ୍ୟାନ୍ନ କହିଲେ ଦିନକ ମଧ୍ୟରେ ମାତ୍ର ଗୋଟିଏ ଥର ଭୋଜନ କରିବା। ଏହି ବ୍ରତରେ ସୂର୍ଯ୍ୟୋଦୟରୁ ସ୍ନାନ ଶେଷ କରି ପୁଷ୍କରିଣୀ କୂଳରେ ବାଲୁକା ପୂଜା ବା ମୂର୍ତ୍ତିକା ଶଙ୍କର ପୂଜା ବ୍ରତଚାରିଣୀ, ହବିଷ୍ୟାଳୀମାନେ କରିଥାନ୍ତି। ତତପରେ ସ୍ୱ ସ୍ୱ ଗୃହକୁ ଆସି ତୁଳସୀ ଚଉରାମୂଳେ ବୃନ୍ଦାବତୀଙ୍କ ପୂଜା କରନ୍ତି। ବୃନ୍ଦାବତୀ ହେଉଛନ୍ତି କାର୍ତ୍ତିକ ମାସର ହବିଷ୍ୟାଳୀମାନଙ୍କର ମୁଖ୍ୟ ପୂଜାର ସ୍ଥଳ। ବୃନ୍ଦାବତୀଙ୍କ ମହିମା ବର୍ଣ୍ଣନା କରି କୁହାଯାଉଛି – 'ମୂଳେ ତୋର ଗଙ୍ଗା, ଡାଳେ ତୋର ବିଷ୍ଣୁ, ପତ୍ରେ ଦେବତାଙ୍କ ବାସ।' ଅର୍ଥାତ୍ ତୁଳସୀ ବୃକ୍ଷରେ ତେତିଶ କୋଟି ଦେବତା ରହିଥାନ୍ତି। ହବିଷ୍ୟାଳୀମାନେ ଚଉରା ପୂଜା ସାରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ନିଜ ନିଜ ଘରକୁ ଆସି ପୁରାଣ ମଣ୍ଡପରୁ କାର୍ତ୍ତିକ ପୁରାଣ ଶ୍ରବଣ କରନ୍ତି।

ଶ୍ରୀଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ମାସ ପାଳନର ତାତ୍ପର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ଶ୍ରୀମନ୍ଦିରରେ କେତେକ ବିଶେଷ ନୀତି ଓ ବେଶ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ। ଏହି ମାସରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟକ ଧର୍ମପରାୟଣ ବ୍ୟକ୍ତି ଶ୍ରୀକ୍ଷେତ୍ରକୁ ଆଗମନ ପୂର୍ବକ ଏଠାରେ ଅବସ୍ଥାନ କରି କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ସାଧାରଣତଃ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ କାର୍ତ୍ତିକ ମାସ ନୀତି ପାଳନ କରାଯାଇଥାଏ। ଏହି ମାସରେ ଦୈନନ୍ଦିନ ନୀତି ବ୍ୟତୀତ ସ୍ୱତନ୍ତ୍ର ଭାବେ ଶ୍ରୀବିଗ୍ରହମାନଙ୍କର ରାଧା ଦାମୋଦର ବେଶ ପଞ୍ଚକ ବେଶ, ବାଳଧୂପ, ଦିବା ପହୁଡ଼ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ।

ଶ୍ରୀ ବିଗ୍ରହମାନଙ୍କ ରାଧା ଦାମୋଦର ବେଶ ଥାଇ ବାଳଧୂପ ନୀତି ଅନୁଷ୍ଠିତ ହୋଇଥାଏ। ସକାଳ ଧୂପ ପରେ ବାଳ ଧୂପ ନୀତିରେ ସାଧାରଣତଃ କୋରା, ଦୋଭାଜୀ, ଲିଆ, ଅଦା, ଖଇ, ନଡ଼ିଆ ଖୁଦି, ଚାଉଳିଆ, ସେଓ, କମଳା, କଦଳୀ, କାକୁଡ଼ି, ପଇଡ଼ ଇତ୍ୟାଦି ଭୋଗ ହୋଇଥାଏ। ବାଳଧୂପ ସମୟରେ ପରମ୍ପରା ଅନୁଯାୟୀ ବଡ଼ଛତା ମଠ ତରଫରୁ ବାଦ୍ୟ, ପାରମ୍ପରିକ ସଙ୍ଗୀତ ଗାନ ସମେତ ରାଧାକାନ୍ତ ମଠ ତରଫରୁ ସଂକୀର୍ତ୍ତନ କରାଯାଇଥାଏ। ପୁରୀ ଶ୍ରୀନଅର ସମେତ ସୁପ୍ରତିଷ୍ଠିତ ଥିବା କେତେକ ମଠ, ଦକ୍ଷିଣ ପାର୍ଶ୍ୱ ମଠ, ଏମାର ମଠ, ତ୍ରିମାଳି ମଠ, ବଡ଼ ସନ୍ଥ ମଠ, ଜଗନ୍ନାଥ ବଲ୍ଲଭ ମଠ, ରେବେସୀ ମଠ, ଉତ୍ତର ପାର୍ଶ୍ୱ ମଠ ମାନଙ୍କ ତରଫରୁ ବାଳଧୂପ ପାଇଁ ଅମୁଣିଆ ଭୋଗ ଦ୍ରବ୍ୟ ଶ୍ରୀମନ୍ଦିରକୁ ଆସିଥାଏ। ସେହିଭଳି କାର୍ତ୍ତିକ ମାସ ଉପଲକ୍ଷେ ଶ୍ରୀକ୍ଷେତ୍ରର ଦୁଇ ପ୍ରମୁଖ ମଠର ଶ୍ରୀମନ୍ଦିରରେ ନିୟମ ସେବା ରହିଅଛି। ଏହି ସେବା ନିମନ୍ତେ ମଠର ଦୁଇ ଜଣ ବୈଷ୍ଣବ ଶ୍ରୀମନ୍ଦିରର ଜୟ-ବିଜୟ ଦ୍ୱାର ଦୁଇ ପାର୍ଶ୍ୱ ଦିବାରାତ୍ର ଅଖଣ୍ଡ ଦୀପ ଜଳାଇଥାନ୍ତି।

ରାଇଦାମୋଦର ବ୍ରତ ଏକ ସର୍ବଭାରତୀୟ ବ୍ରତ। କିନ୍ତୁ ଓଡ଼ିଶାରେ ଏହା ଅତ୍ୟନ୍ତ ଲୋକପ୍ରିୟ। ବିଶେଷକରି ଓଡ଼ିଶାର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥଙ୍କର ଏକ ବାର୍ଷିକ ନୀତି ସହିତ ଏହାର ଯୋଗସୂତ୍ର ରହିଛି ଏବଂ ତାହା ଏହି ବ୍ରତକୁ ସାରା ଓଡ଼ିଶାରେ ଲୋକପ୍ରିୟ କରିଛି। ଓଡ଼ିଆରେ ଏହି ବ୍ରତକୁ ନେଇ ଦୁଇଟି ବ୍ରତକଥା ମିଳେ। ଗୋଟିଏ ବଳରାମ ଦାସଙ୍କ ନାମରେ ଭଣିତ 'ରାଇଦାମୋଦର ବ୍ରତକଥା' ଏବଂ ଆଉ ଗୋଟିଏ ରଘୁନାଥ ଦାସ ବିରଚିତ 'ରାଇଦାମୋଦର ବ୍ରତ'। ରଘୁନାଥ ଦାସ ବିରଚିତ ବ୍ରତକଥା ସହିତ ଲକ୍ଷ୍ମୀ ନାରାୟଣଙ୍କ କଉଡିଖେଳ ଓ ବାଲୁକାପୂଜା ଗୀତ ଆଦି ପ୍ରକାଶିତ ହୋଇଛି।

ସ୍ୱତ୍ୱଲିପି ଅନୁସାରେ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ମାସର ନୀତି ପାଳିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ରାଇଦାମୋଦର ବା ରାଧାଦାମୋଦର ବେଶ ହୁଏ। ତେବେ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ବେଶ ନ ହୋଇ ଏକାଦଶୀ ଦିନ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ, ଦ୍ୱାଦଶୀ ଦିନ ବାଙ୍କଚୂଡ଼ ବେଶ, ତ୍ରୟୋଦଶୀ ଦିନ ତ୍ରିବିକ୍ରମ ବା ଡାଳିକିଆ ବେଶ, ଚତୁର୍ଦ୍ଦଶୀ ଦିନ ଲକ୍ଷ୍ମୀନୃସିଂହ (ଆଡ଼କିଆ) ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ କରି କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହିଳାମାନେ ପ୍ରାତଃ ସ୍ନାନ ଓ ହବିଷ୍ୟାନ୍ନ ଭୋଜନ କରି ନିଷ୍ଠାର ସହ ରାଇଦାମୋଦର ବ୍ରତ ପାଳନ କରିଥାଆନ୍ତି। ଚଉରାମୂଳେ କିମ୍ବା ତୁଳସୀ ଓ ଅଁଳା ଗଛ ମୂଳରେ ଏହି ବ୍ରତ ପାଳନ କରାଯାଏ। କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅର୍ଥାତ୍ ପଞ୍ଚକ ପାଞ୍ଚଦିନ ଚଉରାମୂଳେ ମୁରୁଜରେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ଆଙ୍କି ସେମାନେ ଏହି ବ୍ରତ ପାଳନ କରିଥାନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟକ୍ଷେତ୍ର ଶ୍ରୀକ୍ଷେତ୍ରରେ କାର୍ତ୍ତିକ ମାସ ପାଳନ କରିବା ଅନେକଙ୍କ ପାଇଁ ଏକ ବଡ଼ ଆଧ୍ୟାତ୍ମିକ ପ୍ରାପ୍ତି। ଚର୍ତୁମାସ୍ୟାର ଶେଷ ପର୍ଯ୍ୟାୟ ହେଉଛି କାର୍ତ୍ତିକ ମାସ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ପୁଣ୍ୟ କାର୍ତ୍ତିକର ମହିମା ଓ ରାଇଦାମୋଦର ବା ରାଧାଦାମୋଦର ବେଶ ମଧ୍ୟ ଶ୍ରଦ୍ଧାଳୁଙ୍କ ପାଇଁ ବହୁ ପ୍ରତୀକ୍ଷିତ। ବ୍ରତଧାରୀଙ୍କ ଜୀବନଚର୍ଯ୍ୟା ବଦଳି ଯିବା ସହ ପୁଣ୍ୟ କାର୍ତ୍ତିକ ଆମ ସମସ୍ତଙ୍କୁ ଆନନ୍ଦମୟ ଓ ଈଶ୍ୱରପ୍ରାପ୍ତିର ଆଲୋକ ଦେଖାଉ।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭

ବାତ୍ୟା ଓଡ଼ିଶାର ନିୟତି ନୁହେଁ, ପ୍ରସ୍ତୁତି ହିଁ ସୁରକ୍ଷାର କବଚ

ସୌଭାଗ୍ୟ ରଞ୍ଜନ ମହାନ୍ତି

ବାତ୍ୟା ଓଡ଼ିଶା ପାଇଁ କୌଣସି ନୂଆ ଶବ୍ଦ ନୁହେଁ, ଏହା ଆମ ଭୌଗୋଳିକ ବାସ୍ତବତାର ଏକ ଅଂଶ, ଆମ ଉପକୂଳବାସୀଙ୍କ ଜୀବନ ସହିତ ଜଡ଼ିତ ଏକ ଦୀର୍ଘକାଳୀନ ଆହ୍ୱାନ। ବଙ୍ଗୋପସାଗରର ଅଶାନ୍ତ ଜଳରାଶି ଯେତେବେଳେ ଉଗ୍ର ରୂପ ଧାରଣ କରେ, ସେତେବେଳେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳଠାରୁ ଆରମ୍ଭ କରି ଦକ୍ଷିଣ ଓ ପଶ୍ଚିମ ଜିଲ୍ଲା ପର୍ଯ୍ୟନ୍ତ ଆଶଙ୍କାର ବାତାବରଣ ସୃଷ୍ଟି ହୁଏ। ପୁଣିଥରେ ବାତ୍ୟା ଆକଭାନ୍କୁ ନ

ଆଞ୍ଚଳିକ ସମୟ

ଶୁକ୍ରବାର, ୨୦ ନଭେମ୍ବର ୨୦୨୬, ଭୁବନେଶ୍ୱର Friday,20 November 2026, Bhubaneswar



ନିର୍ବାଚନ ବର୍ଜନ ନୁହେଁ, ବ୍ୟବସ୍ଥା ଭିତରେ ରହି ଅନିୟମିତତାର ପର୍ଦ୍ଦାଫାସ କରିବେ ବିରୋଧୀ

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଦେଶର ନିର୍ବାଚନୀ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଆଣି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆମେରିକା ମାଟିରୁ ପୁଣିଥରେ ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ନିର୍ବାଚନ ବର୍ଜନ କରିବା ପରିବର୍ତ୍ତେ ଗଣତାନ୍ତ୍ରିକ ଢାଞ୍ଚା ଭିତରେ ରହି ଏହି ଅନିୟମିତତାକୁ ଜନସାଧାରଣଙ୍କ ଆଗରେ ପର୍ଦ୍ଦାଫାସ କରିବା ହିଁ ବିରୋଧୀ ଦଳଗୁଡ଼ିକର ମୁଖ୍ୟ ରଣନୀତି ବୋଲି ସେ ସ୍ପଷ୍ଟ କରିଛନ୍ତି। ଦୁଇ ଦିନିଆ ଆମେରିକା ଗସ୍ତ ଅବସରରେ ବୁଧବାର ଇଲିନୋଇସ୍ସ୍ଥିତ ଚିକାଗୋ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ପ୍ରଫେସର ରବର୍ଟ ପେପଙ୍କ ସହ ଆଲୋଚନା ବେଳେ ରାହୁଲ ଏହି ବୟାନ ଦେଇଛନ୍ତି।ଚିକାଗୋ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ଦି ଇରାନ ୱାର ଆଣ୍ଡ ଇଣ୍ଡିଆଜ୍ ରୋଲ୍ ଇନ୍ ଦି ୱାର୍ଲ୍ଡ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ରାହୁଲ ଗାନ୍ଧୀ କହିଛନ୍ତି ଯେ, ଯଦି ବିରୋଧୀ ଦଳ ନିର୍ବାଚନ ମଇଦାନରୁ ଓହରିଯିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ସେହି ମୁହୂର୍ତ୍ତରେ ହିଁ ଭାରତୀୟ ଗଣତନ୍ତ୍ରର ମୂଳଦୁଆ ଭୁଶୁଡ଼ି ପଡ଼ିବ। ସାଧାରଣ ଭୋଟରଙ୍କ ମନରେ ନିର୍ବାଚନୀ ବ୍ୟବସ୍ଥାର ବୈଧତା ଉପରେ ଯେପରି ପ୍ରଶ୍ନବାଚୀ ସୃଷ୍ଟି ନହୁଏ, ସେଥିପାଇଁ ବିରୋଧୀମାନେ ନିର୍ବାଚନ ଲଢ଼ିବା ଜାରି ରଖିବେ। ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ହୋଇସାରିଛି ବୋଲି ଲୋକେ ଅନୁଭବ କରିବା ପର୍ଯ୍ୟନ୍ତ ବିରୋଧୀ ଦଳ ଏହି ପ୍ରସଙ୍ଗକୁ ଜନତାଙ୍କ ଦରବାରକୁ ନେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।ଏହି ଅବସରରେ କଂଗ୍ରେସ ନେତା ୨୦୨୪ ସାଧାରଣ ନିର୍ବାଚନର ବୈଧତାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଜଣେ ବ୍ରାଜିଲୀୟ ମହିଳା ଯିଏ କେବେ ଭାରତ ଆସିନାହାନ୍ତି, ସେ ଭାରତର ଏକ ରାଜ୍ୟ ବିଧାନସଭା ନିର୍ବାଚନରେ ୨୩ ଥର ମତଦାନ କରିଛନ୍ତି। ଯଦି ଭୋଟର ତାଲିକାରେ ନକଲି ଓ ଅବୈଧ ଭୋଟର ରହିଛନ୍ତି, ତେବେ ସେହି ନିର୍ବାଚନ କିପରି ଆଇନସମ୍ମତ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ସମୟରୁ ହିଁ ଭୋଟ୍ ବ୍ୟବଧାନକୁ ନେଇ ରାଜନୈତିକ ସନ୍ଦେହ ଉପୁଜିଥିଲା, ମାତ୍ର ଭାରତୀୟ ଗଣତନ୍ତ୍ରର ପବିତ୍ରତାକୁ ଦୃଷ୍ଟିରେ ରଖି ସେତେବେଳେ ଦଳର ବରିଷ୍ଠ ନେତାମାନେ ତାଙ୍କୁ ସର୍ବସାଧାରଣରେ ଏଭଳି ଅଭିଯୋଗ ନଆଣିବାକୁ ପରାମର୍ଶ ଦେଇଥିଲେ ବୋଲି ରାହୁଲ ଗାନ୍ଧୀ ପ୍ରକାଶ କରିଛନ୍ତି।




ଦିଲ୍ଲୀ ଆସୁଛନ୍ତି ପାକିସ୍ତାନୀ ମନ୍ତ୍ରୀ ମୁସାଦିକ ମଲିକ

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଭାରତ ଗସ୍ତରେ ଆସୁଛନ୍ତି ପାକିସ୍ତାନର ମନ୍ତ୍ରୀ ମୁସାଦିକ ମଲିକ। ମୁସାଦିକ ହେଉଛନ୍ତି ସେହି ମନ୍ତ୍ରୀ ଯିଏ ସିନ୍ଧୁ ନଦୀ ଜଳ ଚୁକ୍ତିନାମା ପ୍ରସଙ୍ଗରେ ଭାରତର ହାତ କାଟିବାକୁ ଧମକ ଦେଇଥିଲେ। ସବୁଠୁ ବଡ଼ କଥା ଏବେ ସେ ଭାରତର ନିମନ୍ତ୍ରଣକ୍ରମେ ନୂଆଦିଲ୍ଲୀ ଆସୁଛନ୍ତି ଏବଂ ଡିସେମ୍ବର ୨୦ରୁ ୨୨ ପର୍ଯ୍ୟନ୍ତ ସାଂଘାଇ ସହଯୋଗ ସଂଗଠନ ବୈଠକରେ ଯୋଗ ଦେବେ।ମୁସାଦିକ ମଲିକଙ୍କ ପୂର୍ବରୁ ବିଲାୱଲ ଭୁଟ୍ଟୋ ୨୦୨୩ରେ ପ୍ରଥମେ ଭାରତ ଆସିଥିଲେ। ସେ ବୈଦେଶିକ ମନ୍ତ୍ରୀ ଭାବେ ଏଗଡର ବୈଦେଶିକ ମନ୍ତ୍ରୀ ବୈଠକରେ ଯୋଗ ଦେଇଥିଲେ। ଭାରତର ଅଧ୍ୟକ୍ଷତାରେ ସେହି ସମୟରେ ଗୋଆରେ ସମ୍ମିଳନୀ ଆୟୋଜନ ହୋଇଥିଲା। ଏହା ପରଠୁ ଏବେ ପ୍ରଥମ ଥର କୌଣସି ପାକିସ୍ତାନର ମନ୍ତ୍ରୀ ଭାରତ ଗସ୍ତରେ ଆସୁଛନ୍ତି। ୨୦୧୯ ଫେବୃଆରୀରେ ପୁଲୱାମା ଓ ୨୦୨୫ରେ ପହଲଗାମ ହମଲା ପରଠୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ବିଶେଷ କରି ପହଲଗାମରେ ଆତଙ୍କବାଦୀଙ୍କ ନରସଂହାର ପରେ ଭାରତ ପାକିସ୍ତାନର ନଅଟି ସ୍ଥାନରେ ଏୟାର ଷ୍ଟ୍ରାଇକ୍ କରିବା ସହ ସିନ୍ଧୁ ନଦୀ ଜଳ ଚୁକ୍ତିନାମା ବାତିଲ୍ କରିଥିଲା। ସିନ୍ଧୁ ଜଳ ଚୁକ୍ତିନାମାକୁ ନେଇ ମଲିକ ଭାରତକୁ ଚେତାବନୀ ଦେଇ କହିଥିଲେ ଯେ, ଯିଏ ଆମ ପାଣିରେ ହାତ ଲଗାଇବ ତା ହାତ କାଟି ଦେବୁ। ଭାରତ ପୁଲୱାମା ହମଲା ପରେ ପାକିସ୍ତାନ ବିରୋଧରେ ଅନେକ ବଡ଼ ନିଷ୍ପତ୍ତି ନେଇଥିଲା। ଏଥିରେ ସିନ୍ଧୁ ଜଳ ନଦୀ ଚୁକ୍ତିନାମା ମଧ୍ୟ ସାମିଲ୍। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାରତ ସିନ୍ଧୁ ନଦୀ ଜଳର ପ୍ରବାହ ରୋକି ଦେଇଥିଲା।ମଲିକ ଏସସିଓ ସିଭିଲାଇଜେସନ ବୈଠକ ପାଇଁ ଆସୁଥିବା ପ୍ରତିନିଧିମଣ୍ଡଳଙ୍କ ନେତୃତ୍ୱ ନେଉଛନ୍ତି। ଏହା ପୂର୍ବରୁ ଭାରତର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହାର ସୂଚନା ଦେଇଥିଲେ ଯେ, ଭାରତ ଝଉଡର ସମସ୍ତ ସଦସ୍ୟ ଦେଶଗୁଡ଼ିକୁ ନିମନ୍ତ୍ରଣ ଦେଇଛି। ଏହି ସମୂହରେ ଭାରତ, ଚୀନ, ରୁଷ, କାଜାକିସ୍ତାନ, କିର୍ଗିସ୍ତାନ, ତାଜିକିସ୍ତାନ, ଇରାନ, ଉଜବେକିସ୍ତାନ, ପାକିସ୍ତାନ ଓ ବେଲାରୁଷ ସାମିଲ୍।ସୂଚନାଯୋଗ୍ୟ, ୨୦୦୧ ମସିହାରେ ଝଉଡର ସ୍ଥାପନା ହୋଇଥିଲା। ପ୍ରତିଷ୍ଠାତା ସଦସ୍ୟ ଭାବେ ରୁଷ, ଚୀନ, କିର୍ଗିସ୍ତାନ, କଜାକସ୍ତାନ, ତାଜିକିସ୍ତାନ ଓ ଉଜବେକିସ୍ତାନର ରାଷ୍ଟ୍ରପତି ସାମିଲ୍ ଥିଲେ। ଭାରତ ଓ ପାକିସ୍ତାନ ୨୦୧୭ରେ ସ୍ଥାୟୀ ସଦସ୍ୟ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୨୩ରେ ଇରାନ ଏହାର ସଦସ୍ୟ ହୋଇଥିଲା।



ଦୁଇ ଦିନିଆ ସମ୍ମିଳନୀକୁ ଉଦଘାଟନ କଲେ ଶାହ

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ଆତଙ୍କବାଦର ମୂଲୋତ୍ପାଟନ କରିବା ଲକ୍ଷ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ନୂଆଦିଲ୍ଲୀରେ ଦୁଇ ଦିନିଆ ଆତଙ୍କବାଦ ବିରୋଧୀ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଚଳିତ ବର୍ଷ ସୀମାପାର ଆତଙ୍କବାଦକୁ



ମୁଖ୍ୟ ପ୍ରସଙ୍ଗ ଭାବେ ରଖାଯାଇଛି। କେନ୍ଦ୍ରୀୟ ଏଜେନ୍ସି, ରାଜ୍ୟ ପୁଲିସ ଏବଂ ବୈଷୟିକ ଓ ଫରେନସିକ୍ ବିଶେଷଜ୍ଞମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଭବିଷ୍ୟତର ଆତଙ୍କବାଦ ନିରୋଧୀ ରଣନୀତି ପ୍ରସ୍ତୁତ କରିବା ଏହାର ମୂଳ ଉଦ୍ଦେଶ୍ୟ।ଗୃହ ମନ୍ତ୍ରଣାଳୟର ସୂଚନା ମୁତାବକ, ଦୁଇ ଦିନିଆ ଅଧିବେଶନରେ ବିଦେଶୀ ରାଷ୍ଟ୍ରରୁ ପ୍ରମାଣ ସଂଗ୍ରହ, ଡିଜିଟାଲ ଫରେନସିକ୍ ବ୍ୟବହାର, ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ନେଟୱର୍କ ଧ୍ୱଂସ କରିବା ଏବଂ ମୌଳବାଦର ମୁକାବିଲା ଉପରେ ବିସ୍ତୃତ ଆଲୋଚନା ହେବ। ଏହାସହ ରାଜ୍ୟ ପୁଲିସ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି, ଯେଉଁଥିରେ ନୂତନ ଅପରାଧିକ ଆଇନର ପ୍ରୟୋଗ ଏବଂ ସାକ୍ଷୀଙ୍କ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ସମ୍ମିଳନୀରେ ବିଭିନ୍ନ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀ ଏବଂ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥାର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି।

ଅଟୋ ରିକ୍ସାକୁ ଧକ୍କା ଦେଲା ଫର୍‌ଚୁନର୍, ୨ ମୃତ, ୬ ଆହତ

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଉତ୍ତର ଦିଲ୍ଲୀରେ ଏକ ଅଟୋରିକ୍ସାକୁ ଦ୍ରୁତଗାମୀ ଫର୍‌ଚୁନର ଧକ୍କା ଦେବାରୁ ୨ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ୧୭ ଓ ୧୮ ତାରିଖ ରାତିରେ ଘଟିଥିବାବେଳେ ଗୁରୁତର ଭାବେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ଯୁଧିଷ୍ଠିର ସେତୁ ଉପରେ ଘଟିଥିଲା। ଦୁର୍ଘଟଣାରେ ୮ ଜଣ ଆହତ ହେବା ପରେ ଦ୍ରୁତ ଗତିରେ ଗାଡ଼ି ଚାଳନା ଓ ଜୀବନ କିମ୍ବା ବ୍ୟକ୍ତିଗତ ସୁରକ୍ଷାକୁ ବିପଦରେ ପକାଉଥିବା କାର୍ଯ୍ୟ ସହିତ ଜଡ଼ିତ ଭାରତୀୟ ନ୍ୟାୟ ସଂହିତା ଧାରା ୨୮୧ ଓ ୧୨୫ (ଏ)ରେ ମାମଲା ରୁଜୁ କରାଯାଇଥିଲା। ଆହତମାନଙ୍କ ମଧ୍ୟରୁ ଦୁଇଜଣଙ୍କର ପରେ ମୃତ୍ୟୁ ହୋଇଥିଲା, ଯାହା ପରେ ମାମଲାରେ ବିଏନ୍‌ଏସ୍‌ର ଧାରା ୧୦୫ ଯୋଡ଼ା ଯାଇଥିଲା। ପୁଲିସ କହିଛି ଯେ, ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି। ଦୁର୍ଘଟଣା ସମ୍ପର୍କରେ ଅଧିକ ବିବରଣୀ ଅପେକ୍ଷା କରାଯାଇଛି।

ବାଇକ୍ ଟ୍ୟାକ୍ସି ଚଳାଇବାକୁ ଘରୋଇ ମାଲିକଙ୍କୁ ଅନୁମତି ଦିଅ: ଗଡ଼କରୀ

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଘରୋଇ ବାଇକ୍ ଓ ସ୍କୁଟର ମାଲିକମାନଙ୍କୁ ବାଇକ୍ ଟ୍ୟାକ୍ସି ଭାବେ ଗାଡ଼ି ଚଳାଇବାକୁ ଅନୁମତି ଦେବା ଲାଗି ସବୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ। ରାପିଡୋ, ଓଲା ଓ ଉବର ଭଳି ଆପ୍ ଆଧାରିତ ସେବାରେ ଘରୋଇ ବାଇକ୍ ମାଲିକମାନେ ଯାତ୍ରୀ ପରିବହନ କରି ରୋଜଗାର କରିପାରିବେ। ଏହାଦ୍ୱାରା ଦେଶର ୧୫ରୁ ୨୦ କୋଟି ଲୋକ ରୋଜଗାରର ସୁଯୋଗ ପାଇପାରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।ବୁଧବାର ନୂଆଦିଲ୍ଲୀରେ ଆୟୋଜିତ 'ରାଇଡ୍' କାର୍ଯ୍ୟକ୍ରମରେ ଯୋଗଦେଇ ଗଡ଼କରୀ କହିଛନ୍ତି ଯେ କେନ୍ଦ୍ର ସରକାର ୨୦୨୫ରେ ମୋଟର ଭେଇକିଲ୍ ଏଗ୍ରିଗେଟର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହା ଅନୁଯାୟୀ ଘରୋଇ ମୋଟରସାଇକଲ୍‌କୁ ଆପ୍ ଆଧାରିତ ସେବାରେ ଯାତ୍ରୀ ପରିବହନ ପାଇଁ ବ୍ୟବହାର କରିବାକୁ ରାଜ୍ୟ ସରକାର ଅନୁମତି ଦେଇପାରିବେ। ଏହି ନିୟମ ଲାଗୁ କରିବାକୁ ସେ ବିଭିନ୍ନ ରାଜ୍ୟର ପରିବହନ କମିସନରମାନଙ୍କୁ ଅନୁରୋଧ କରିଛନ୍ତି। ଗଡ଼କରୀଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ରାଜସ୍ଥାନ ଏହି ନିୟମକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିଛି। ହରିୟାଣା ଓ ଉତ୍ତରପ୍ରଦେଶ ଆଂଶିକ ଭାବେ ଏହାକୁ ଲାଗୁ କରିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏହି ପଦକ୍ଷେପ ନେବା ଆବଶ୍ୟକ।

ଗତ ୧୨ ବର୍ଷ ମଧ୍ୟରେ ଭାରତର ଅର୍ଥନୀତିର ଚିତ୍ର ବଦଳି ଯାଇଛି

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀର ଭାରତ ମଣ୍ଡପମରେ ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ମହାସଂଘ(ଫିକି)ର ଶତବାର୍ଷିକୀ ସମାରୋହରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପରିବର୍ତ୍ତିତ ଅର୍ଥନୈତିକ ଦୃଶ୍ୟପଟ ଉପରେ ଆଲୋକପାତ କରି କହିଛନ୍ତି ଯେ,ସମ୍ପ୍ରତି ପ୍ରମୁଖ ବିଶ୍ୱ ପ୍ରତିଷ୍ଠାନଗୁଡ଼ିକ ବିକଶିତ ଭାରତକୁ ପ୍ରଶଂସା କରୁଛନ୍ତି। ଉପଯୁକ୍ତ ନୀତି ଦ୍ୱାରା ଦେଶର ୫୦ କୋଟି ଗରିବ ୧୨ ବର୍ଷ ମଧ୍ୟରେ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଗତ ଶହେ ବର୍ଷର ଭାରତୀୟ ଅର୍ଥନୀତିର ଯାତ୍ରା ଏବଂ ଦେଶର ଅର୍ଥନୀତିକ ପରିବର୍ତ୍ତନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି,ଏହି ସମୟ ମଧ୍ୟରେ ଭାରତର ଅର୍ଥନୀତି ଅନେକ ଉତ୍ଥାନ-ପତନ ଦେଖିଛି। ସ୍ୱାଧୀନତା ପରଠାରୁ ଭାରତୀୟ ଅର୍ଥନୀତି ବିଭିନ୍ନ ନୀତିଗତ ଯୁଗ ଦେଖିଛି। ଗୋଟିଏ ସମୟ ଥିଲା ଯେତେବେଳେ ଦେଶରେ



ଲାଇସେନ୍ସ-କୋଟା ରାଜ ଯୋଗୁଁ ଶିଳ୍ପ ଏବଂ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବ୍ୟବସାୟଗୁଡ଼ିକୁ ବିସ୍ତାର ପାଇଁ ଅନେକ ସରକାରୀ ଅନୁମୋଦନ ଉପରେ ନିର୍ଭର କରିବାକୁ ପଡୁଥିଲା। ଏହା ପରେ ଜାତୀୟକରଣ ନୀତି ଆରମ୍ଭ ହୋଇଥିଲା।ଏକ ସମୟ ଥିଲା ଯେତେବେଳେ ଭାରତୀୟ ଅର୍ଥନୀତିକୁ ବିଶ୍ୱର ପାଞ୍ଚଟି ଦୁର୍ବଳ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଉଥିଲା। ମାତ୍ର ଏବେ ସମୟ ବଦଳି ଯାଇଛି। ଗତ ୧୨ ବର୍ଷ ଧରି ଦେଶର ଯୁବପିଢ଼ି, କୃଷକ, ଶ୍ରମିକ ଏବଂ ଶିଳ୍ପ ନେତାମାନେ ଏହି ପରିସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ଏକାଠି କଠିନ ପରିଶ୍ରମ କରିଛନ୍ତି। ଏହି ପରିବର୍ତ୍ତନ ପାଇଁ ଦେଶର ବିଭିନ୍ନ ବର୍ଗର ଅବଦାନକୁ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସୁପ୍ରିମକୋର୍ଟରୁ ଆଜମ ଖାନଙ୍କୁ ବଡ଼ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ସୁପ୍ରିମକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଏକ ବଡ଼ ଝଟକା ଦେଇଛନ୍ତି। ସମାଜବାଦୀ ପାର୍ଟି ନେତା ଆଜମ ଖାନଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇ ସୁପ୍ରିମକୋର୍ଟ ତାଙ୍କ ଅନ୍ତରୀଣ ଜାମିନକୁ ନେଇ ଇଡ଼ି ପକ୍ଷରୁ ହୋଇଥିବା ଆବେଦନକୁ ଖାରଜ କରି ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ କାଏମ୍ ରଖିଛନ୍ତି। ଆଜମ ଖାନଙ୍କୁ ମନି ଲଣ୍ଡରିଂ ମାମଲାରେ ଆହ୍ଲାବାଦ ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଇଡି ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସୁପ୍ରିମକୋର୍ଟର ବିଚାରପତି ଏମ୍‌ଏମ୍ ସୁନ୍ଦରେଶ ଏବଂ ପ୍ରସନ୍ନ ବି ଭାରାଲେଙ୍କ ଖଣ୍ଡପୀଠ ଇଡିର ଆବେଦନରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଆହ୍ଲାବାଦ ହାଇକୋର୍ଟ ୧୭ ନଭେମ୍ବର ୨୦୨୬ରେ ମନି ଲଣ୍ଡରିଂ ମାମଲାରେ ଆଜମ ଖାନଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହାଇକୋର୍ଟଙ୍କର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।ଏହି ମାମଲାରେ ଆଜମ ଖାନଙ୍କୁ ବୁଧବାର ଗାଜିଆବାଦର ଦାସନା ଜେଲ୍‌ରୁ ଖଲାସ କରାଯାଇଥିଲା । ଏହି ମାମଲାରେ ଇଡି ଆଜମ ଖାନଙ୍କୁ ୩୧ ଅକ୍ଟୋବର ୨୦୨୬ରେ ଗିରଫ କରିଥିଲା। ଯେତେବେଳେ ସେ ଅନ୍ୟ ଏକ ମାମଲାରେ ଜେଲ୍ ?ରୁ ଖଲାସ ହୋଇଥିଲେ।

ସମାଜବାଦୀ ପାର୍ଟିକୁ ୩୦୦ରୁ ଅଧିକ ଆସନ ମିଳିବା ଦାବି

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ସେଠାକାର ରାଜନୀତି ସରଗରମ ହେବାରେ ଲାଗିଛି। ପ୍ରତ୍ୟେକ ଦଳ ନିଜର ବିଜୟର ଦାବି କରୁଥିବାବେଳେ ଆଜି ସମାଜବାଦୀ ପାର୍ଟିର ଅଯୋଧ୍ୟା ସାଂସଦ ଅବଧେଶ ପ୍ରସାଦ ଦଳର ବିଜୟକୁ ନେଇ ବଡ଼ ଦାବି କରିଛନ୍ତି। ୨୦୨୭ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ୩୦୦ ରୁ ଅଧିକ ଆସନ ଜିତିବ ବୋଲି ଅବଧେଶ ପ୍ରସାଦ ଭବିଷ୍ୟବାଣୀ କରିଛନ୍ତି।ଲୋକସଭା ସାଂସଦ ଅବଧେଶ ପ୍ରସାଦ ଗୁରୁବାର କହିଛନ୍ତି, ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ବର୍ତ୍ତମାନର ଉତ୍ତର ପ୍ରଦେଶ ସରକାରଙ୍କ ଉପରୁ ଲୋକମାନେ ସମସ୍ତ ଆଶା ଓ ବିଶ୍ୱାସ ହରାଇ ଦେଇଛନ୍ତି। ସେମାନେ ଯାହା କଲେ ମଧ୍ୟ, ଲୋକମାନେ ଆଉ ବିଜେପି ଉପରେ ବିଶ୍ୱାସ କରିବେ ନାହିଁ। ସମାଜବାଦୀ ପାର୍ଟି ଏକ ଐତିହାସିକ ବିଜୟ ସହିତ ୩୦୦ ରୁ ଅଧିକ ଆସନ ଜିତିବ। ୨୦୨୪ ଲୋକସଭା ନିର୍ବାଚନରେ ଉତ୍ତର ପ୍ରଦେଶ ସେମାନଙ୍କୁ ବିଦାୟ ଦେଇଛି ଓ ୨୦୨୭ ବିଧାନସଭା ନିର୍ବାଚନରେ, ସେମାନଙ୍କୁ ଏପରି ବିଦାୟ ଦିଆଯିବ ଯେ ସେମାନେ କେବେ ଆଉ କ୍ଷମତାକୁ ଫେରିବେ ନାହିଁ।ସମାଜବାଦୀ ପାର୍ଟି ନେତା ଆଜମ ଖାନଙ୍କ ଜାମିନରେ ମୁକ୍ତି ଓ ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଉପରେ ଏହାର ପ୍ରଭାବ ସମ୍ପର୍କରେ ଅବଧେଶ ପ୍ରସାଦ କହିଛନ୍ତି, ଆମେ ଆଜମ ଖାନଙ୍କ ମୁକ୍ତିକୁ ସ୍ୱାଗତ କରୁଛୁ। ୨୦୨୭ ନିର୍ବାଚନ ପାଖେଇ ଆସୁଛି ଓ ରାଜ୍ୟର ଭୋଟରମାନେ ସମାଜବାଦୀ ପାର୍ଟି ଓ ଅଖିଳେଶ ଯାଦବଙ୍କ ଉପରେ ସେମାନଙ୍କର ଭରସା ରଖିଛନ୍ତି।



ମୋଦୀଙ୍କ ପ୍ରଶଂସା କରି ଫସିଲେ ସାମ ପିତ୍ରୋଡା

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିବା ଏବେ ଭାରତୀୟ ଦରିଆ ପାରି କଂଗ୍ରେସର ମୁଖ୍ୟ ସାମ ପିତ୍ରୋଡାଙ୍କୁ ମହଙ୍gା ପଡ଼ିଛି। ତାଙ୍କ ବୟାନକୁ ନେଇ ଦଳରେ ଆଭ୍ୟନ୍ତରୀଣ କନ୍ଦଳ ଆରମ୍ଭ ହୋଇ ଯାଇଛି। ଓଡଉର ଉପାଧ୍ୟକ୍ଷ ଜର୍ଜ ଆବ୍ରାହମ ଓ କାନାଡ଼ାରେ ରହୁଥିବା କଂଗ୍ରେସ କର୍ମୀ ଦେବାଂଶୁ ନାରଙ୍ଗ ସାମ ପିତ୍ରୋଡାଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି ଏବଂ ତାଙ୍କୁ ପଦରୁ ହଟାଇବାକୁ ଦାବି କରିଛନ୍ତି।ନାରଙ୍ଗ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଚିଠି ଲେଖି ସାମ ପିତ୍ରୋଡାଙ୍କ ବୟାନ ନିନ୍ଦନୀୟ ବୋଲି କହିଛନ୍ତି। ତାଙ୍କ କହିବା କଥା ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବା କଂଗ୍ରେସର ଅନେକ କର୍ମୀ ଓ ନ



ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ୨୦୨୬ ପାଇଁ ଆବେଦନ

ଭୁବନେଶ୍ୱର, ୧୯।୧୧ (ନି.ପ୍ର) : ଅଗ୍ରଣୀ ଶିକ୍ଷା ନେଟୱାର୍କ ଗ୍ଲୋବାଲ୍ ସ୍କୁଲ୍ ଗ୍ରୁପ୍ (ଜିଏସ୍ଜି) ଏହାର ଫ୍ଲାଗସିପ୍ ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ (ଜିଏସ୍ଜି) ପ୍ରୋଗ୍ରାମର ୨୦୨୬ ସଂସ୍କରଣ ପାଇଁ ଆବେଦନ ଖୋଲିବାକୁ ଘୋଷଣା କରିଛି। ଏହା ଏକ ବାର୍ଷିକ ପଦକ୍ଷେପ ଯାହା ଛାତ୍ରମାନଙ୍କୁ ସିଙ୍ଗାପୁରରେ ଥିବା ଏହାର ଫ୍ଲାଗସିପ୍ କ୍ୟାମ୍ପସରେ ସେମାନଙ୍କର ସିନିୟର ମାଧ୍ୟମିକ ବିଦ୍ୟାଳୟ ବର୍ଷ ସମାପ୍ତ କରିବା ପାଇଁ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଛାତ୍ରବୃତ୍ତି ପ୍ରଦାନ କରିଥାଏ। ଏହି ଛାତ୍ରବୃତ୍ତି ହେଉଛି ପ୍ରତିଭାବାନ ଛାତ୍ରମାନଙ୍କ ପାଇଁ ଆ'ର୍ଜାତୀୟ ଶିକ୍ଷା ପାଇବା ଏବଂ ଆତ୍ମବିଶ୍ୱାସୀ, ଦକ୍ଷ ଏବଂ ସୃଜନଶୀଳ ମାନସିକତା ଥିବା ବିଶ୍ୱ ନାଗରିକ ଭାବରେ ବିକଶିତ ହେବାର ସୁଯୋଗ ସୃଷ୍ଟି କରିବାର ଜିଏସ୍ଜି ର ଏକ ଉପାୟ।

ଜିସିଏସ୍ ସମଗ୍ର ଭାରତରୁ ଏକାଡେମିକ୍ ପ୍ରତିଭାଶାଳୀ ଏବଂ ଯୋଗ୍ୟ ଛାତ୍ରମାନଙ୍କୁ ଚିହ୍ନଟ କରେ, ସେମାନଙ୍କୁ ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସ୍ ସିଙ୍ଗାପୁରରେ ଗ୍ରେଡ୍ ୧୧ ଏବଂ ୧୨ ଅଧ୍ୟୟନ କରିବାର ସୁଯୋଗ ପ୍ରଦାନ କରେ ଏବଂ ଦୁଇ ବର୍ଷ ଅବଧି ପାଇଁ ୧୦୦% ଟ୍ୟୁସନ ଫି, ଖାଦ୍ୟ ଏବଂ ରହିବା ଖର୍ଚ୍ଚ ବହନ କରେ । ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସରେ, ଛାତ୍ରମାନେ ସିବିଏସଇ ଏବଂ ଆ'ର୍ଜାତୀୟ ବ୍ୟାକାଲୋରେଟ୍ ଡିପ୍ଲୋମା ପ୍ରୋଗ୍ରାମ (ଆଇବିଡିପି) ପାଠ୍ୟକ୍ରମ ମଧ୍ୟରେ ବାଛିପାରିବେ, ଆଧୁନିକ ଭିତ୍ତିଭୂମି ଏବଂ ଅଭିଜ୍ଞ ଶିକ୍ଷାବିତ୍ ମାନଙ୍କ ଦ୍ୱାରା ସମର୍ଥିତ ଏକ ବିଶ୍ୱସ୍ତରୀୟ ଶିକ୍ଷଣ ପରିବେଶରେ ପ୍ରବେଶ କରିପାରିବେ । ବିଦ୍ୟାନମାନେ ଆବାସ, ଭୋଜନ ଏବଂ ଷ୍ଟାଇପେଣ୍ଡ ମଧ୍ୟ ପାଇଥାନ୍ତି, ଯାହା ସେମାନଙ୍କୁ ଆର୍ଥିକ ପ୍ରତିବନ୍ଧକ ବିନା ସେମାନଙ୍କର ଏକାଡେମିକ୍ ଏବଂ ବ୍ୟକ୍ତିଗତ ବିକାଶ ଉପରେ ଧ୍ୟାନ ଦେବାକୁ ସକ୍ଷମ କରିଥାଏ ।

ଏହି ପଦକ୍ଷେପ ପଛରେ ଥିବା ଏକାଡେମିକ୍ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଗ୍ଲୋବାଲ୍ ସ୍କୁଲ୍ ଗ୍ରୁପ୍ ର ଏକାଡେମିକ୍ ନିର୍ଦ୍ଦେଶକ ଶ୍ରୀ ପ୍ରମୋଦ ତ୍ରିପାଠୀ କହିଛନ୍ତି, 'ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ହେଉଛି ଆମର ବିଶ୍ୱାସର ପ୍ରତିଫଳନ ଯେ ପ୍ରତିଭା ଏବଂ ଉଚ୍ଚାଭିଳାଷ ଆର୍ଥିକ ପରିସ୍ଥିତି ଦ୍ୱାରା ସୀମିତ ହେବା ଉଚିତ୍ ନୁହେଁ । ଏହି ପଦକ୍ଷେପ ମାଧ୍ୟମରେ, ଆମେ ଯୋଗ୍ୟ ଛାତ୍ରମାନଙ୍କୁ ବିଶ୍ୱ ସ୍ତରୀୟ ଶିକ୍ଷାଗତ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ସେମାନଙ୍କର ଦୃଷ୍ଟିକୋଣକୁ ବ୍ୟାପକ କରିବ ଏବଂ ଏକ କ୍ରମବର୍ଦ୍ଧିଷ୍ଣୁ ଆନ୍ତଃସଂଯୁକ୍ତ ଦୁନିଆରେ ସଫଳ ହେବା ପାଇଁ ସେମାନଙ୍କୁ ଦକ୍ଷତା ଏବଂ ଆତ୍ମବିଶ୍ୱାସ ସହିତ ସଜ୍ଜିତ କରିବ । ଯେହେତୁ ଆମେ ୨୦୨୭ ସଂସ୍କରଣ ପାଇଁ ଆବେଦନ ଖୋଲୁଛୁ, ଆମେ ଯୁବ ବ୍ୟକ୍ତିବିଶେଷଙ୍କ ଆଉ ଏକ ଗୋଷ୍ଠୀ ଆବିଷ୍କାର କରିବାକୁ ଅପେକ୍ଷା କରିଛୁ, ଯେଉଁମାନେ ଦାୟିତ୍ୱବାନ ବିଶ୍ୱ ନାଗରିକ ଏବଂ ଭବିଷ୍ୟତର ନେତା ହେବାର ସାମର୍ଥ୍ୟ ରଖିଛନ୍ତି ।

ଏସଆଇବିଏମ ହାଇଦରାବାଦର 'ଫାର୍ମଦିଦି' କେସ୍‌କୁ ଆନ୍ତର୍ଜାତିକ ଆଇଭି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ମିଳିଛି

ଭୁବନେଶ୍ୱର, ୧୯।୧୧ (ନି.ପ୍ର): ସିୟାୟୋସିସ ଇନଷ୍ଟିଚ୍ୟୁଟ ଅଫ ବିଜନେସ ମ୍ୟାନେଜମେଂଟ, ହାଇଦରାବାଦ (ଏସଆଇବିଏମ-ଏଚ)ର ଜଣେ ଫାକଲ୍ଟି ସଦସ୍ୟ ଓ ଜଣେ ଛାତ୍ର ମିଳିତ ଭାବେ ଲେଖିଥିବା ଏକ ଟିଚିଂ କେସ୍, ଆଇଭି ପବ୍ଲିସିଂ ଦ୍ୱାରା ଆୟୋଜିତ ୨୦୨୬ ଆଇଭି ୱିମେନ ଇନଭେଷ୍ଟିଂ ଇନ ଲିଡରସିପ (IWIL) କେସ ରାଇଟିଂ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ୨,୦୦୦ ଆମେରିକୀୟ ଡଲାରର ନଗଦ ପୁରସ୍କାର ଜିତିଛି। ୧୯ଟି ଦେଶର ୫୦ଟି ଶିକ୍ଷାନୁଷ୍ଠାନ ଓ ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା ୧୫୭ ଜଣ ଲେଖକଙ୍କ ଠାରୁ ଏହି ପ୍ରତିଯୋଗିତା ପାଇଁ ୭୮ଟି କେସ୍ ଦାଖଲ ହୋଇଥିଲା। ଫାର୍ମଦିଦି, ଭାରତର ହସ୍ତନିର୍ମିତ ଖାଦ୍ୟ ଅର୍ଥନୀତିରେ ମହିଳାଙ୍କ ଜୀବିକାକୁ ସୁସ୍ଥିର ରଖିବା ଶୀର୍ଷକ ଏହି କେସ୍ ସମାବେଶୀ ବ୍ୟବସାୟିକ ଅଭିବୃଦ୍ଧି ସମ୍ପର୍କିତ ଏକ ମୌଳିକ ପ୍ରଶ୍ନର ଅନୁଧ୍ୟାନ କରେ ହାତରେ ଆଚାର ପ୍ରସ୍ତୁତ କରୁଥିବା ଗ୍ରାମାଂଚଳର ମହିଳାଙ୍କୁ କେନ୍ଦ୍ର କରି ଲେଖାଯାଇଥିବା ଏହି କେସ୍ ମାଲିକାନା, ନିଷ୍ପତି ଗ୍ରହଣ ଓ ଆର୍ଥିକ ସଶକ୍ତିକରଣ ଭଳି ଦିଗକୁ ବିଶ୍ଳେଷଣ କରିବା ସହ ଲିଙ୍ଗ ଓ ଜୀବିକା ସମ୍ବନ୍ଧୀୟ ପ୍ରଶ୍ନକୁ ମ୍ୟାନେଜମେଂଟ ଶ୍ରେଣୀଗୃହକୁ ଆଣିଥାଏ। ଏହି ସଫଳତା ଏସଆଇବିଏମ ହାଇଦରାବାଦର କେସ ଡେଭଲପମେଂଟ ସେଣ୍ଟରର ଅବଦାନକୁ ଉଜାଗର କରୁଛି। ବାସ୍ତବ ବ୍ୟବସାୟିକ ଆହ୍ୱାନ ଉପରେ ଆଧାରିତ ଟିଚିଂ କେସ୍ ମାଧ୍ୟମରେ ଏହି କେନ୍ଦ୍ର ଅଭିଜ୍ଞତାଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରେ। ସାମ୍ପ୍ରତିକ ବ୍ୟବସାୟିକ ଦ୍ୱନ୍ଦ୍ୱକୁ ଶ୍ରେଣୀଗୃହକୁ ଆଣି କେସ-ଆଧାରିତ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ପରସ୍ପର ବିରୋଧୀ ସ୍ୱାର୍ଥର ବିଶ୍ଳେଷଣ କରିବା, ରଣନୈତିକ ବିକଳ୍ପର ମୂଲ୍ୟାଙ୍କନ କରିବା ଏବଂ ସୁଚିଂତିତ ପରିଚାଳନାଗତ ନିଷ୍ପତି ନେବାର ଦକ୍ଷତା ବିକଶିତ କରିବାରେ ସାହାଯ୍ୟ କରେ।



ଏସଆଇବିଏମ ହାଇଦରାବାଦର ନିର୍ଦ୍ଦେଶକ ପ୍ରଫେସର କେ. ପି. ଭେଣୁଗୋପାଳ ରାଓ କହିଛନ୍ତି, 'ଅର୍ଥପୂର୍ଣ୍ଣ ଓ ବାସ୍ତବ ଜଗତ ସହ ଜଡ଼ିତ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରିବାରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସହଯୋଗର ମୂଲ୍ୟକୁ ଏହି ସଫଳତା ପ୍ରତିଫଳିତ କରୁଛି। ଆମେ ବିଶ୍ୱାସ କରୁ ଯେ ଗବେଷଣା କେବଳ ଏକାଡେମିକ ଅନୁସନ୍ଧାନରେ ସୀମିତ ନ ରହି ସମାଲୋଚନାତ୍ମକ ଚିନ୍ତାଧାରା ବିକଶିତ କରିବା, ସାମ୍ପ୍ରତିକ ବ୍ୟବସାୟିକ ଆହ୍ୱାନର ସମାଧାନ କରିବା ଏବଂ ବ୍ୟାବହାରିକ ପ୍ରାସଙ୍ଗିକତା ଥିବା ଅନ୍ତର୍ଦୃଷ୍ଟି ସୃଷ୍ଟି କରିବା ଉଚିତ। ଗବେଷଣା, ଅଭିଜ୍ଞତାଭିତ୍ତିକ ଶିକ୍ଷା ଓ ଶିଳ୍ପ ସହ ସଂଯୋଗ ମାଧ୍ୟମରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିଚାଳକ ଗଢ଼ିବାର ଆମ ପ୍ରତିବଦ୍ଧତାକୁ ଏଭଳି ପଦକ୍ଷେପ ଆହୁରି ସୁଦୃଢ଼ କରେ।'ଗବେଷଣା ଓ ପ୍ରୟୋଗମୂଳକ ଶିକ୍ଷା ଉପରେ ଅନୁଷ୍ଠାନର ଧ୍ୟାନ କେବଳ କେସ ଡେଭଲପମେଂଟରେ ସୀମିତ ନୁହେଁ। ଅନୁଷ୍ଠାନର ସେଲ ଅଫ ରିସର୍ଚ୍ଚ ଅଧ୍ୟାପକ, ଡକ୍ଟରାଲ ଗବେଷକ ଓ ସ୍ନାତକୋତର ଛାତ୍ରଛାତ୍ରୀଙ୍କ ଗବେଷଣା ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରେ। ଏସପିଏସଏସ ସାଉଥ ଏସିଆ ସହଯୋଗରେ ଆୟୋଜିତ ରିସର୍ଚ୍ଚ ୱିକ ୨୦୨୫ରେ ଦେଶର ବିଭିନ୍ନ ଅନୁଷ୍ଠାନରୁ ୪୫ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିମାଣାତ୍ମକ ଗବେଷଣା ପଦ୍ଧତି ଉପରେ କର୍ମଶାଳା, ଗବେଷଣା ପ୍ରସ୍ତାବ ମେଣ୍ଟରିଂ କ୍ଲିନିକ ଏବଂ ଗବେଷଣାପତ୍ର ଉପସ୍ଥାପନା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଗବେଷଣା ପଦକ୍ଷେପ ଫଳରେ ଆନ୍ତର୍ଜାତିକ ଜର୍ଣ୍ଣାଲରେ ମଧ୍ୟ ପ୍ରକାଶନ ହୋଇଛି। ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ମିଳିତ ଗବେଷଣାପତ୍ର 'ଗ୍ରାହକ ଆଚରଣ ଉପରେ ସୋସିଆଲ ମିଡିଆ ବିଜ୍ଞାପନର ପ୍ରଭାବ: ବିଶ୍ୱସନୀୟତା, ଅନୁଭୂତ ପ୍ରାମାଣିକତା ଓ ସ୍ଥାୟିତ୍ୱର ଭୂମିକା' ମେ ୨୦୨୫ରେ ଫ୍ରଂଟୟର୍ସ ଇନ କମ୍ୟୁନିକେସନରେ ପ୍ରକାଶିତ ହୋଇଥିଲା। ଅନୁଷ୍ଠାନ ଅନୁସାରେ, ୨୯ ଅକ୍ଟୋବର ୨୦୨୬ ସୁଦ୍ଧା ଏହି ଗବେଷଣାପତ୍ର ୯୫,୧୭୭ରୁ ଅଧିକ ଭ୍ୟୁ, ୮,୪୩୦ ଡାଉନଲୋଡ ଏବଂ ୫୩ଟି ସାଇଟେସନ ହାସଲ କରିଥିଲା।

ଆମଓ୍ୱେ ଇଣ୍ଡିଆ ଶିଶୁ ପୁଷ୍ଟିସାଧନକୁ ପ୍ରୋତ୍ସାହିତ କରିବାକୁ ଶିଶୁ ଦିବସରେ ପୁଷ୍ଟିକର ଖାଦ୍ୟ ବିତରଣ ପ୍ରୟାସ ଆରମ୍ଭ

ଭୁବନେଶ୍ୱର, ୧୯।୧୧ (ନି.ପ୍ର) : ଶିଶୁମାନଙ୍କର ପୁଷ୍ଟିଗତ ସ୍ୱାସ୍ଥ୍ୟରେ ଉନ୍ନତି ସାଧନ ନିମନ୍ତେ ନିଜର ସମାନ ପ୍ରତିବଦ୍ଧତା ଆଧାରରେ ସମଗ୍ର ଭାରତରେ ପିଲାମାନଙ୍କ ପାଇଁ ୧,୬୨,୦୦୦ ବିଦ୍ୟାଳୟ ଭୋଜନ ଯୋଗାଇଦେବାକୁ ଆମଓ୍ୱେ ଇଣ୍ଡିଆ, ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସହିତ ହାତ ମିଳାଇଛି। ଏହି ପ୍ରୟାସ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଫାଉଣ୍ଡେସନ୍‌ର ରହିଥିବା ରୋଷଶାଳାଗୁଡିକ ଜରିଆରେ ଭୋଜନ ସମର୍ଥନ ଯୋଗାଇଦେବ ଏବଂ ଆଠଟି ସ୍ଥାନରେ ଆମଓ୍ୱେର ବିତରକ ଓ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ନିୟୋଜନତା ଜରିଆରେ ଏହି କାର୍ଯ୍ୟର ନିକଟତର କରାଇବ।

ଏହି ପ୍ରୟାସ ସମ୍ପର୍କରେ ମତଦେଇ ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମଓ୍ୱେ ଇଣ୍ଡିଆ କହିଥିଲେ, 'ଉତ୍ତମ ପୁଷ୍ଟିସାଧନ ଶିଶୁମାନଙ୍କୁ ଶିକ୍ଷା ଆହରଣ, ଅଭିବୃଦ୍ଧି ଓ ସେମାନଙ୍କର ସାମର୍ଥ୍ୟକୁ ଉପଲବ୍ଧି କରିବା ସକାଶେ ଏକ ମଜଭୁତ ମୂଳଦୁଆ ପ୍ରଦାନ କରିଥାଏ। ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସହିତ ଆମର ନିରବଚ୍ଛିନ୍ନ ସହଯୋଗୀତା ଜରିଆରେ ଆମେ ଶିଶୁମାନଙ୍କର କଲ୍ୟାଣ ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ସମ୍ମିଳିତ ଭାବରେ ପୁଷ୍ଟିକର ଭୋଜନଗତ ସମର୍ଥନ, ସଚେତନତା ଓ ପ୍ରତ୍ୟକ୍ଷ ଅଂଶଗ୍ରହଣ ଆଣୁଛୁ। ଏହି ପ୍ରୟାସକୁ ଯାହା ବିଶେଷଭାବରେ ଉଲ୍ଲେଖନୀୟ କରି ଗଢିତୋଳୁଛି ତାହା ହେଉଛି ଆମ ବିତରକଗଣ, କର୍ମଚାରୀ ଓ ଗ୍ରାହକମାନଙ୍କର ସାମୂହିକ ସଂପୃକ୍ତି, ଯେଉଁମାନଙ୍କର ସ୍ୱେଚ୍ଛାକୃତ ଅବଦାନ ୧,୬୨,୦୦୦ରୁ ଅଧିକ ଭୋଜନକୁ ସମର୍ଥନ କରିବ। ଆମର ବିଶ୍ୱାସ ଯେ ଶିଶୁମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟକର ଆରମ୍ଭ ଓ ଭବିଷ୍ୟତ ନିମନ୍ତେ ମଜଭୁତ ଗୋଷ୍ଠୀ ନିର୍ମାଣ ପାଇଁ ନିର'ର ଭାଗୀଦାରୀ ଓ ସାମୂହିକ କାର୍ଯ୍ୟ ଅତ୍ୟାବଶ୍ୟକ ଅଟେ।



ସମ୍ପ୍ରତି ଭାରତ ସରକାରଙ୍କର ପିଏମ୍ ପୋଷଣ କାର୍ଯ୍ୟକ୍ରମ ଦେଶବ୍ୟାପୀ ୧୦.୩୫ ଲକ୍ଷ ବିଦ୍ୟାଳୟରେ ପ୍ରାୟ ୧୧ କୋଟି ପିଲାଙ୍କୁ ପୁଷ୍ଟିକର ଭୋଜନ ଯୋଗାଇ ଦେଉଛି। ଆମଓ୍ୱେ ଇଣ୍ଡିଆ ଏବଂ ପିଏମ୍ ପୋଷଣ କାର୍ଯ୍ୟକ୍ରମର ଏକ ରୂପାୟନକାରୀ ସହଭାଗୀ ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ତଥା ଅନ୍ୟାନ୍ୟ ରାଜ୍ୟ ସରକାରମାନଙ୍କ ମଧ୍ୟରେ ସହଯୋଗୀତା ଶିଶୁ ଦିବସରୁ ଭୋଜନ ଯୋଗାଣ ଆରମ୍ଭ କରିଛି ଏବଂ ଏହା ଡିସେମ୍ବର ଆଦ୍ୟଭାଗ ପର୍ଯ୍ୟ' ଜାରି ରହିବ। ଦିଲ୍ଲୀ, ଜୟପୁର, ଭୁବନେଶ୍ୱର, ଗୁଆହାଟୀ, ବେଲାରୀ, ଅହମଦାବାଦ, ଥାନେ ଓ ଚେନ୍ନଇରେ ଥିବା ଆମଓ୍ୱେ ବିତରକଗଣ ଓ କର୍ମଚାରୀମାନେ ଭୋଜନ ପ୍ରସ୍ତୁତି ଏବଂ ପୁଷ୍ଟିସାଧନ ତଥା ସ୍ୱାସ୍ଥ୍ୟକର ଖାଇବା ଅଭ୍ୟାସ ବିକଶିତ କରିବା ପାଇଁ ଶିଶୁମାନଙ୍କ ସହିତ ନିୟୋଜିତ ରହିବାକୁ ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ମିମ୍ରିଗୁଡିକ ସହିତ ମିଶି କାର୍ଯ୍ୟ କରୁଛନ୍ତି। ଏହି ସଦ୍ୟତମ ପ୍ରୟାସ ଆମଓ୍ୱେ ଇଣ୍ଡିଆର ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସହିତ ଦୀର୍ଘକାଳର ସମ୍ପର୍କ ଆଧାରରେ ହାତକୁ ନିଆଯାଇଛି। ୨୦୨୪ରେ ଏହି ସହଭାଗୀତା ଆଠଟି ସ୍ଥାନରେ ବିଦ୍ୟାଳୟ ପିଲାମାନଙ୍କ ନିମନ୍ତେ ୯୦,୦୦୦ରୁ ଅଧିକ ଭୋଜନ ଯୋଗାଣ ଏବଂ ତାହାସହିତ ପୁଷ୍ଟିଗତ ଶିକ୍ଷା ଅଧିବେଶନ ଆୟୋଜନ ଓ କର୍ମଚାରୀଙ୍କ ସ୍ୱେଚ୍ଛାକୃତ କାର୍ଯ୍ୟ କରିଥିଲା। ପ୍ରଚଳିତ ପ୍ରୟାସ ସେହି ପ୍ରତିବଦ୍ଧତାକୁ ଉଲ୍ଲେଖନୀୟ ଭାବରେ ସମ୍ପ୍ରସାରିତ କରୁଛି। ଏହି ସହଯୋଗୀତା ଉର୍ଦ୍ଧ୍ୱରେ ଆମଓ୍ୱେ ଇଣ୍ଡିଆର ପାୱର ଅଫ୍ ୫ କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ପୁଷ୍ଟିହୀନତା ପ୍ରତି ଦୃଷ୍ଟିଦେବା ଓ ଅଧିକ ସୁସ୍ଥ ଗୋଷ୍ଠୀ ନିର୍ମାଣକୁ ସମର୍ଥନ କରିବାକୁ ନିଜର ନିରନ୍ତର ପ୍ରୟାସ ଜରିଆରେ ୧,୬୦,୦୦୦ରୁ ଅଧିକ ପିଲାଙ୍କ ସମେତ ୧୦,୦୦,୦୦୦ରୁ ଅଧିକ ଲୋକଙ୍କୁ ଉପକୃତ କରାଇଛି।

ଭାରତ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟାର ଭବିଷ୍ୟତକୁ ଗଢ଼ିବାରେ ପ୍ରମୁଖ ଭୂମିକା ନେଉଛି : ସାମସଙ୍ଗ ନେତୃତ୍ୱ

ଭୁବନେଶ୍ୱର, ୧୯।୧୧ (ନି.ପ୍ର) : ଭାରତ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟାର ଭବିଷ୍ୟତକୁ ଗଢ଼ିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସାମସଙ୍ଗର ବରିଷ୍ଠ ଅଧିକାରୀମାନେ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରସ୍ତୁତ ହେଉଥିବା ଅଭିନବ ପ୍ରଯୁକ୍ତିବିଦ୍ୟାଗୁଡ଼ିକ ଏବେ ସାରା ବିଶ୍ୱରେ ଆଦୃତ ହେଉଛି । ସାମସଙ୍ଗ ସାଉଥ୍ ଓ୍ୱେଷ୍ଟ୍ ଏସିଆର କର୍ପୋରେଟ୍ ଭାଇସ୍ ପ୍ରେସିଡେଣ୍ଟ ଏସ୍.ପି. ଚୁନ୍ କହିଛନ୍ତି, 'ଆମେ ଆରମ୍ଭରୁ ଭାରତ ପାଇଁ ତିଆରି କରିବା ଆରମ୍ଭ କରିଥିଲୁ ଏବଂ ଆଜି ଆମେ ବିଶ୍ୱ ପାଇଁ ଭାରତରେ ପ୍ରସ୍ତୁତ କରୁଛୁ ।'



ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ କେବଳ ନିର୍ଦ୍ଦେଶ ପାଳନ କରିବା ପରିବର୍ତ୍ତେ ବ୍ୟବହାରକାରୀଙ୍କ ଆବଶ୍ୟକତାକୁ ଆଗରୁ ବୁଝିପାରିବା ଭଳି ବିକଶିତ ହେଉଛି । ସାମସଙ୍ଗ ଆର ଆଣ୍ଡ ଡି ଇନଷ୍ଟିଚ୍ୟୁଟ୍ ଇଣ୍ଡିଆ-ବେଙ୍ଗାଲୁରୁର କର୍ପୋରେଟ୍ ଭିପି ଏବଂ ଏମଡି ମୋହନ ରାଓ ଗୋଲି କହିଛନ୍ତି, 'ଲୋକମାନେ ଏଜି କିପରି ହେବ ତାହା ସ୍ଥିର କରିବାର ସମୟ ଆସିଯାଇଛି। ଏକାଡେମିକ ଅନୁସନ୍ଧାନରେ ସୀମିତ ନ ରହି ସମାଲୋଚନାତ୍ମକ ଚିନ୍ତାଧାରା ବିକଶିତ କରିବା, ସାମ୍ପ୍ରତିକ ବ୍ୟବସାୟିକ ଆହ୍ୱାନର ସମାଧାନ କରିବା ଏବଂ ବ୍ୟାବହାରିକ ପ୍ରାସଙ୍ଗିକତା ଥିବା ଅନ୍ତର୍ଦୃଷ୍ଟି ସୃଷ୍ଟି କରିବା ଉଚିତ। ଗବେଷଣା, ଅଭିଜ୍ଞତାଭିତ୍ତିକ ଶିକ୍ଷା ଓ ଶିଳ୍ପ ସହ ସଂଯୋଗ ମାଧ୍ୟମରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିଚାଳକ ଗଢ଼ିବାର ଆମ ପ୍ରତିବଦ୍ଧତାକୁ ଏଭଳି ପଦକ୍ଷେପ ଆହୁରି ସୁଦୃଢ଼ କରେ।'ଗବେଷଣା ଓ ପ୍ରୟୋଗମୂଳକ ଶିକ୍ଷା ଉପରେ ଅନୁଷ୍ଠାନର ଧ୍ୟାନ କେବଳ କେସ ଡେଭଲପମେଂଟରେ ସୀମିତ ନୁହେଁ। ଅନୁଷ୍ଠାନର ସେଲ ଅଫ ରିସର୍ଚ୍ଚ ଅଧ୍ୟାପକ, ଡକ୍ଟରାଲ ଗବେଷକ ଓ ସ୍ନାତକୋତର ଛାତ୍ରଛାତ୍ରୀଙ୍କ ଗବେଷଣା ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରେ। ଏସପିଏସଏସ ସାଉଥ ଏସିଆ ସହଯୋଗରେ ଆୟୋଜିତ ରିସର୍ଚ୍ଚ ୱିକ ୨୦୨୫ରେ ଦେଶର ବିଭିନ୍ନ ଅନୁଷ୍ଠାନରୁ ୪୫ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିମାଣାତ୍ମକ ଗବେଷଣା ପଦ୍ଧତି ଉପରେ କର୍ମଶାଳା, ଗବେଷଣା ପ୍ରସ୍ତାବ ମେଣ୍ଟରିଂ କ୍ଲିନିକ ଏବଂ ଗବେଷଣାପତ୍ର ଉପସ୍ଥାପନା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଗବେଷଣା ପଦକ୍ଷେପ ଫଳରେ ଆନ୍ତର୍ଜାତିକ ଜର୍ଣ୍ଣାଲରେ ମଧ୍ୟ ପ୍ରକାଶନ ହୋଇଛି। ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ମିଳିତ ଗବେଷଣାପତ୍ର 'ଗ୍ରାହକ ଆଚରଣ ଉପରେ ସୋସିଆଲ ମିଡିଆ ବିଜ୍ଞାପନର ପ୍ରଭାବ: ବିଶ୍ୱସନୀୟତା, ଅନୁଭୂତ ପ୍ରାମାଣିକତା ଓ ସ୍ଥାୟିତ୍ୱର ଭୂମିକା' ମେ ୨୦୨୫ରେ ଫ୍ରଂଟୟର୍ସ ଇନ କମ୍ୟୁନିକେସନରେ ପ୍ରକାଶିତ ହୋଇଥିଲା। ଅନୁଷ୍ଠାନ ଅନୁସାରେ, ୨୯ ଅକ୍ଟୋବର ୨୦୨୬ ସୁଦ୍ଧା ଏହି ଗବେଷଣାପତ୍ର ୯୫,୧୭୭ରୁ ଅଧିକ ଭ୍ୟୁ, ୮,୪୩୦ ଡାଉନଲୋଡ ଏବଂ ୫୩ଟି ସାଇଟେସନ ହାସଲ କରିଥିଲା।

ବାତ୍ୟା ଅକଓ୍ୱାନ ପ୍ରଭାବରେ ଧାନ ଫସଲ ପ୍ରଭାବିତ

ପାଣିରେ ବୁଡ଼ିଛି ଶହ ଶହ ହେକ୍ଟର ଧାନ ଫସଲ ଜମି

ବଲଙ୍ଗା, ୧୯।୧୧ (ନି.ପ୍ର):



ବଲଙ୍ଗା ଅଞ୍ଚଳର ଚାଷୀ ମାନଙ୍କ ଜମିରେ ସୁନାର ଧାନ କ୍ଷେତ ଲହଡ଼ି ମାରୁଥିବା ବେଳେ ଅକଓ୍ୱାନ ବାତ୍ୟା ସେମାନଙ୍କ ମୁଣ୍ଡରେ ଚଡ଼କ ପକେଇ ଦେଇଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଜମିରେ ଧାନ ଚାଷ କରି ପରିବାର ପ୍ରତିପୋଷଣର ଆଶା ଓ ଭରସା ରଖିଥିବା ଚାଷୀକୁଳ ଏବେ କିଁ କର୍ତ୍ତବ୍ୟମୁଢ଼ହୋଇ ପଡ଼ିଛି। ସାରା ବର୍ଷର ଆୟ ସମଗ୍ର ଆୟ ପାଣିରେ ଧୋଇ ଯିବାକୁ ବସିଥିଲ

ଜାତୀୟ ‘ଅଭ୍ୟାସ’ ମୁକାବିଲା ଆରମ୍ଭ ହେବ ପ୍ରଥମ ଦିନ

ଭୁବନେଶ୍ୱର, ୧୮/୧୧ (ନି.ପ୍ର) : ସମସ୍ତ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଉପସ୍ଥିତି ବଢ଼ାଇବା ଏବଂ ଅଧିକ ଲାଇକ୍ ଓ ଭ୍ୟୁଜ୍ ପାଇବା ପାଇଁ ଯୁବପିଢ଼ି ମଧ୍ୟରେ ଏକ ଅଦ୍ଭୁତ ପ୍ରତିଯୋଗିତା ଦେଖିବାକୁ ମିଳୁଛି । ଏହି ପ୍ରତିଯୋଗିତାକୁ ‘ଅଭ୍ୟାସ’ ନାମରେ ଅଭିହିତ କରାଯାଇଛି । ଏଥିରେ ଅଂଶଗ୍ରହଣ କରିଥିବା ଯୁବକ ଓ ଯୁବତୀମାନେ ଭିଡିଓ ତିଆରି କରି ସେଗୁଡ଼ିକୁ ଅପଲୋଡ୍ କରିବା ସହ ଅନ୍ୟ ଅଂଶଗ୍ରହଣକାରୀଙ୍କ ଭିଡିଓକୁ ଲାଇକ୍ ଓ ଶେୟାର୍ କରିବାକୁ ଆହ୍ୱାନ କରିଥାନ୍ତି । ଏହି ଅଭ୍ୟାସ ଯୁବପିଢ଼ିଙ୍କ ମଧ୍ୟରେ ଏତେ ଲୋକପ୍ରିୟ ହୋଇପଡ଼ିଛି ଯେ, ଏହା ଏବେ ଏକ ଜାତୀୟ ସ୍ତରର ଅଭିଯାନରେ ପରିଣତ ହୋଇଛ

ଦିଶାମନ୍ଥନ
dishamanthan.com
RNI No. ORIORIV/26

ଗଣତନ୍ତ୍ରର ସୁରକ୍ଷା କବଚ ଗଣମାଧ୍ୟମ ସରକାର ଏବଂ ଜନସାଧାରଣ ମଧ୍ୟରେ ସମ୍ପର୍କର ସେତୁ ସ୍ଥାପନ କରିଥାଏ ଚନ୍ଦନ ମଣ୍ଡଳ

ଯୋଡ଼ା :- ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ ଏବଂ ଏହା ସରକାର, ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିଥାଏ ବୋଲି ଯୋଡ଼ା ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ ଦିବସ ପାଳନରେ ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ମଣ୍ଡଳ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି । ଏହି ଜାତୀୟ ପ୍ରେସ ଦିବସ ପାଳନକୁ ଅନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ ।

ବର୍ତ୍ତମାନ ସମୟରେ ଗଣମାଧ୍ୟମ ତାର କାର୍ଯ୍ୟଶୈଳୀକୁ ପରିବର୍ତ୍ତିତ ଏବଂ ବ୍ୟାପକ କରିବା ସହ ଏହା ଉଭୟ ସରକାର, ସମାଜ ଏବଂ ଲୋକମାନଙ୍କ ମଧ୍ୟରେ ଏକ ସମ୍ପର୍କର ସେତୁ ସ୍ଥାପନ କରିଛି ବୋଲି ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ । ଗଣମାଧ୍ୟମର ପ୍ରତିନିଧି, ପତ୍ରକାର ମାନେ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ହୋଇ ସମାଜର ପ୍ରଗତି ଏବଂ ଉନ୍ନତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ସେମାନଙ୍କୁ ଆହ୍ୱାନ ଦେଇଥିଲେ ।

ଆଜିକାଲି ସାମ୍ବାଦିକ ଏବଂ ପତ୍ରକାର ମାନେ ସଦାସର୍ବଦା ନିଜର କର୍ତ୍ତବ୍ୟ ସମ୍ପାଦନ କରି ସରକାରଙ୍କୁ ସହଯୋଗ କରୁଥିବା ବେଳେ ସରକାର ସାମ୍ବାଦିକ ମାନଙ୍କର ସମସ୍ୟାକୁ ଗୁରୁତ୍ୱ ଦେଉ ନଥିବାବେଳେ ଏହା ସାମ୍ବାଦିକ ମହାଲରେ ଗଭୀର କ୍ଷୋଭ ପ୍ରକାଶ ପାଇଛି ବୋଲି ବରିଷ୍ଠ ସାମ୍ବାଦିକ ତଥା ' ଇଣ୍ଡଷ୍ଟ୍ରିଆଲ ମାଇନ୍ସ ଅବଜର୍ଭର ' ଖବରକାଗଜର ସମ୍ପାଦକ ଶିରୀଶ ଚନ୍ଦ୍ର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଏହା କହିଛନ୍ତି । ଏଥିସହ ପ୍ରେସ ପରିଷଦ ର କାର୍ଯ୍ୟଶୈଳୀ କ୍ଷମତା ସମ୍ପର୍କରେ ସେ ସୂଚନା ଦେଇଥିଲେ ।କଲମର କ୍ଷମତା ଗୁରୁତ୍ୱ ଖଣ୍ଡା ଠାରୁ ବି ଅଧିକ ଏବଂ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ, ଯାହା କି ସମସ୍ତ ତଥ୍ୟ ଲୋକଲୋଚନକୁ ଆଣିଥାଏ ବୋଲି ସଂମାନିତ ଅତିଥି ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ତାଙ୍କ ଅଭିଭାଷଣରେ କହିଥିଲେ ।ପ୍ରାରମ୍ଭରେ ଶିକ୍ଷକ ଦୀପ୍ତି ରଞ୍ଜନ ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଯୋଡ଼ା ପ୍ରେସ କ୍ଲବର ସାଧାରଣ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ଯୋଡ଼ା ପ୍ରେସ କ୍ଲବ ପକ୍ଷରୁ ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଯୋଡ଼ା ପ୍ରେସ କ୍ଲବର ବରିଷ୍ଠ ସାମ୍ବାଦିକ ସଂଜୀବ କୁମାର ପଲେଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



ବିଶ୍ୱ ଉର୍ଦ୍ଦୁ ଦିବସ ପାଳିତ

ରାଜଗାଙ୍ଗପୁର: ରାଜଗାଙ୍ଗପୁର ପୌରପରିଷଦ ଅନ୍ତର୍ଗତ ଆଜାଦ୍ ଗ୍ରେଡ ସ୍କୁଲ ନାଥୁ ମେରେଜ ହଲ ଠାରେ ବିଶ୍ୱ ଉର୍ଦ୍ଦୁ ଦିବସ ଭାରତୀୟ ସାଂସ୍କୃତିକ ଶୋସାଇଟି ଆନୁକୂଲ୍ୟରେ ସଭାପତି ହୁମାନନ୍ଦ ସିଂ କାର୍ଯ୍ୟକାରୀ ସଭାପତି ଦେବରଞ୍ଜନ ବିନୋଦ ସମ୍ପାଦକ ଆଫଜାଲ ବେଦାର ଙ୍କ ତତ୍ତ୍ୱବଧାନରେ ସର୍ବ ଭାରତୀୟ ଉର୍ଦ୍ଦୁ କବି ସମ୍ମାଳନୀର ଆୟୋଜନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ସହର ର ବିଶିଷ୍ଟ ଉଦ୍ୟୋଗପତି ତଥା ଝରଝରା ମହୋତ୍ସବ କମିଟି'ର ସଭାପତି ଆନନ୍ଦ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଉପ ନଗରପାଳ ଇଫତିକାର ଅହମ୍ମଦ ପାକା ବାବୁ ଶିଳ୍ପପତି ପବନ ଗଡେଦିଆ ଓ ଭାରତ ର ବିଭିନ୍ନ ରାଜ୍ୟରୁ ଆସିଥିବା ସମସ୍ତ ସୁପ୍ରସିଦ୍ଧ କବିବୃନ୍ଦ ଙ୍କୁ ମଞ୍ଚ ଠାରେ ଶୋସାଇଟି ପକ୍ଷରୁ ସାଲ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ। ମଞ୍ଚ ଠାରେ କବି ଙ୍କ କବିତା ସମସ୍ତ ଙ୍କୁ ମନମୁଗ୍ଧକର କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳ ର ବିଭିନ୍ନ ଧର୍ମର ଜନସାଧାରଣ ଙ୍କ ସହ ଶିଳ୍ପପତି ମୋହନ ଅଗ୍ରୱାଲ,ଶେଏବ ଆଲମ,ଜୁଲୁବାବୁ, କୁଲଦୀପ ସିଂହ, ମନୋଜ ବାଙ୍କା,ସିବୁ ମାହାନ୍ତି, ଜାଫର ମୋବିନ ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମାଜସେବୀ ବୁଦ୍ଧିଜୀବୀ ସାଧାରଣ ନାଗରିକ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବାତ୍ୟା ଆକଓ୍ୱାନ କୁ ଦୃଷ୍ଟିରେ ରଖି ମାଛଧରା ବୋଟ କୁ ଆଶ୍ରୟ ଦେଲା ପାରାଦୀପ ବନ୍ଦର

ପାରାଦୀପ, ୧୯/୧୧- ବାତ୍ୟା ଆକଓ୍ୱାନ ପ୍ରଭାବରେ ପ୍ରତିକୂଳ ପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି, ପାରାଦୀପ ବନ୍ଦର ପ୍ରାଧିକରଣ ସମୁଦ୍ରରେ ଜୀବନ ସୁରକ୍ଷିତ ପାଇଁ ସୁରକ୍ଷା ବ୍ୟବସ୍ଥାକୁ



ସକ୍ରିୟ କରିଛନ୍ତି ଏବଂ ୨୪ ଘଣ୍ଟା ସତର୍କତା ଅବଲମ୍ବନ କରୁଛନ୍ତି। ମାନବିକତା ଏବଂ ସୁରକ୍ଷା ପଦକ୍ଷେପର ଅଂଶ ସ୍ୱରୂପ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପାରାଦୀପ ବନ୍ଦରର ଇକ୍ୟୁ-୧ ଓ ଇକ୍ୟୁ-୨ ବର୍ଥରେ ୫୬ ଟି ମାଛଧରା ଟ୍ରଲର ସହ ୪୯୮ ଜଣ ମତ୍ସ୍ୟଜୀବୀଙ୍କୁ ନିରାପଦ ପୋତାଶ୍ରୟ ଆଶ୍ରୟସ୍ଥଳ ପ୍ରଦାନ କରିଛନ୍ତି। ସମସ୍ତ ଛଅଟି ମାଛଧରା ବୋଟ ଓ ମତ୍ସ୍ୟଜୀବୀ ଙ୍କ ସହିତ, ବନ୍ଦର ପରିସରରେ ସୁରକ୍ଷିତ ଭାବରେ ଅବସ୍ଥାପିତ କରାଯାଇଛି।ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ଙ୍କ ମାର୍ଗଦର୍ଶନରେ, ବନ୍ଦର ପ୍ରଶାସନ ପାରିଯୋଗ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ପ୍ରତିକୂଳ ପାଗ ପରିସ୍ଥିତିରେ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ଆବଶ୍ୟକ ସହାୟତା ଯୋଗାଇବାକୁ ପ୍ରସ୍ତୁତ ରହିଛି। ଏହି ସକ୍ରିୟ ପଦକ୍ଷେପ ମାନବିକ ସହାୟତା, ସାମୁଦ୍ରିକ ସୁରକ୍ଷା, ଜରୁରୀକାଳୀନ ପ୍ରସ୍ତୁତି ଏବଂ ସମୁଦ୍ରରେ ମୂଲ୍ୟବାନ ଜୀବନର ସୁରକ୍ଷା ପ୍ରତି ପାରାଦୀପ ବନ୍ଦର ପ୍ରାଧିକାରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ସମାଜ ଗଠନରେ ସାମ୍ବାଦିକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅନୁଗୋଳ,୧୯।୧୧: ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ (ଏଡିଜେୟୁ) ପକ୍ଷରୁ ସ୍ଥାନୀୟ ଏୟୁସିସି ବ୍ୟାଙ୍କ ସମ୍ମିଳନୀ କକ୍ଷ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଶିକ୍ଷାବିତ ଡ଼. ଧରଣୀଧର ନାଥ, ବରିଷ୍ଠ ଆଇନଜୀବୀ ପରମାନନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଅନୁଗୋଳ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ମୁଖ୍ୟ ଅତିଥି ଶ୍ରୀ ଉଦୟ କୁମାର ମହାପାତ୍ର ତାଙ୍କ ଭାଷଣରେ ସମାଜ ଗଠନରେ ସାମ୍ବାଦିକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କହିବା ସହିତ ସାମ୍ବାଦିକ ମାନେ ବହୁ ବାଧାବିଘ୍ନ ସତ୍ତ୍ୱେ କାର୍ଯ୍ୟ କରୁଛନ୍ତି ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଭାରତୀୟ ଗଣମାଧ୍ୟମ ଇତିହାସରେ ନଭେମ୍ବର ୧୬ ଏକ ସ୍ମରଣୀୟ ଦିବସ। ଏହି ଦିନକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଏ। ୨୦୨୬ ମସିହା ଏହି ଦିବସକୁ ଆହୁରି ସ୍ୱତନ୍ତ୍ର କରିଛି, କାରଣ ଭାରତୀୟ ପ୍ରେସ୍ ପରିଷଦ ଏହାର ୬୦ ବର୍ଷର ଗୌରବମୟ ଯାତ୍ରା ପୂରଣ କରୁଛି ବୋଲି ଭାଷଣ ପ୍ରସଙ୍ଗରେ ଶ୍ରୀ ମହାପାତ୍ର କହିଥିଲେ।ମୁଖ୍ୟବକ୍ତା ଶ୍ରୀ ଶାନ୍ତନୁ କୁମାର ସର ତାଙ୍କ ଭାଷଣରେ ସାମ୍ବାଦିକ ମାନଙ୍କର ବିକଳ୍ପ ନାହିଁ କହିବା ସହିତ ଏଆଇ ସତ୍ୟର ଅନୁସନ୍ଧାନ କରିପାରିବ ନାହିଁ।

ସମୟ ବଦଳିଛି, ସାମ୍ବାଦିକତାର ସ୍ୱରୂପ ବଦଳିଛି ଏବଂ ଖବର ପରିବେଷଣର ମାଧ୍ୟମ ମଧ୍ୟ ବଦଳିଛି। ମୁଦ୍ରିତ ଖବରକାଗଜରୁ ଡିଜିଟାଲ୍ ମିଡିଆ, ଟେଲିଭିଜନରୁ ସୋସିଆଲ୍ ମିଡିଆ ଏବଂ ଏବେ କୃତ୍ରିମ ବୁଦ୍ଧିମତ୍ତା (ଇଓ) ଯୁଗରେ ସାମ୍ବାଦିକତା ଏକ ନୂତନ ଆହ୍ୱାନର ସମ୍ମୁଖୀନ ହେଉଛି ବୋଲି କହିବା ସହିତ ପ୍ରେସ ଦିବସର ବିଷୟ ବସ୍ତୁ ସାମ୍ବାଦିକତା : ଲୋକପ୍ରିୟତା ବନାମ ଦାୟିତ୍ୱ ବୋଧ ସମ୍ପର୍କରେ ଶ୍ରୀ ସର ସୂଚନା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଅଖିଳ ମହାପାତ୍ର, ହିମାଂଶୁ ଗଡ଼ନାୟକ, ଗୋପାଳ ଚନ୍ଦ୍ର ନାଥ,ସମାଜସେବୀ ଦେବାଶିଷ ପଟ୍ଟନାୟକ, ଅନୁଗୋଳ ଜିଲ୍ଲା ପୂର୍ବତନ ସୈନିକ ମହାସଂଘର ସଭାପତି ଅନିଲ ମହାନ୍ତି ପ୍ରମୁଖ ଆଜିର ଗଣମାଧ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ।ସଭା ପ୍ରାରମ୍ଭରେ ସଂଘ ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମ ପରିଚାଳନାରେ ସଂଘର ସାଧାରଣ ସମ୍ପାଦକ ଅଶୋକ ଜେନା, ସଂଗଠନ ସମ୍ପାଦକ ଦୀପ୍ତି ପ୍ରଧାନ, ସହ ସମ୍ପାଦକ ଦେବଜ୍ୟୋତି ରାହୁଲ ନନ୍ଦ ପ୍ରମୁଖ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ବିଶୋଇ, ପ୍ରତାପ ବିଶ୍ୱାଳ, ସୁବ୍ରତ ତ୍ରିପାଠୀ, ଦିଲ୍ଲୀପ ଚୋପଦାର, ବନମାଳୀ ନାଏକ, ପତିତପାବନ ମହାରଣା, ସୁବାସ ସାହୁ,ବିଜୟ ଦେ, ଶିବାଶିଷ ରାଉତ, ଅମୂଲ୍ୟ ସାହୁ, ଉମାକାନ୍ତ ସାହୁ,ପ୍ରାଣବନ୍ଧୁ ଗାଆଣ (ଜ୍ଞାନ), ରୁଦ୍ର ସାହୁ, ସୁମନ୍ତ ସାହୁ, ମଧୁସୂଦନ ଗଡ଼ନାୟକ, ବସନ୍ତ ନାଏକ, ବିୟାଧର ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆଇନଜୀବୀ ବସନ୍ତ ଦାସଙ୍କ ସମେତ ଅନୁଗୋଳ ଜିଲ୍ଲାର ଶତାଧିକ ସାମ୍ବାଦିକ, ଆଇନଜୀବୀ, ସମାଜସେବୀ, ବୁଦ୍ଧିଜୀବୀ ତଥା ଗଣମାନ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ ।ଶେଷରେ ସଂଘର ଉପସଭାପତି ଗୋପାଳ ଚନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

ଅଜଣା ଗାଡି ଧକ୍କାରେ ଅବସରପ୍ରାପ୍ତ ସୈନିକଙ୍କ ମୃତ୍ୟୁ

ଛେଣ୍ଡିପଦା,୧୯/୧୧(ମନ୍ମଥ)- ଅନୁଗୋଳ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡା ଥାନା ଅନ୍ତର୍ଗତ କଡଡ଼ା ଗ୍ରାମ ନିକଟସ୍ଥ ଟ୍ରକ ଟର୍ମିନାଲ ଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଅବସରପ୍ରାପ୍ତ ସୈନିକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ସୈନିକ ହେଲେ ଆଠମଲ୍ଲିକ ବଡଦାଣ୍ଡ ସାହି ଗ୍ରାମର ସୌମ୍ୟ ରଞ୍ଜନ ମହାପାତ୍ର ।ସୂଚନା ଯୋଗ୍ୟ ଯେ ଅନୁଗୋଳ ରୁ ନିଜ ଘର ଆଠମଲ୍ଲିକ ଫେରୁଥିବା ବେଳେତାଙ୍କ ବାଇକକୁ ଏକ ଅଜଣା ଗାଡି ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ । ଅନ୍ୟ ପକ୍ଷରେ ମୃତକଙ୍କ ପରିବାର ଲୋକେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରହିଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ । ସେହିପରି ଅବସର ପ୍ରାପ୍ତ ସୈନିକଙ୍କ ପରଲୋକ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ବ୍ଲକ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା

ଛେଣ୍ଡିପଦା,୧୯/୧୧(ମନ୍ମଥ)- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କୋଶଳ। ସ୍ଥିତ ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଉଦଘାଟନୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ଗଡ଼ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅନୁଗୋଳ ଅଧ୍ୟକ୍ଷ ବିକ୍ରମ କୁମାର ସାହୁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ଼ ଅନୁସୂୟା ମିଶ୍ର,ସମ୍ମାନିତ ଅତିଥି ଭାବେ କୋଶଳ। ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଭାଲେନିନା ଦାଶ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୂଲ୍ୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ପକ୍ଷରେ ଉପରୋକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ମାଧ୍ୟମରେ ମତ ପ୍ରକାଶ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ପାଦ ବେହେରା ଯୋଗ ଦେଇଥିଲେ । ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ,ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ,ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି କମାର ପ୍ରଧାନ, ବଇଣ୍ଡା ସ୍ଥିତ ରାମ ଦେଓ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଯୋଗ ଦେଇ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ସମ୍ପର୍କରେ ଆଲୋଚନା କରିବା ସହ ଉପରୋକ୍ତ ବିଜ୍ଞାନ ମେଳାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ଛାତ୍ରୀ ଛାତ୍ର ମାନଙ୍କୁ ପୁରସ୍କୃତ କରିଥିଲେ । ଅପର ପକ୍ଷରେ ଭାରତ ବର୍ଷର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଯେଉଁ ସ୍ୱପ୍ନ ରହିଛି ୨୦୪୭ ମସିହା ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବା ସହ ଜ୍ଞାନ କୌଶଳ ଓ ବିଜ୍ଞାନ ଅଗ୍ରଗତି କ୍ଷେତ୍ରରେ ଆଜିର କୁନି କୁନି ବୈଜ୍ଞାନିକ ମାନଙ୍କ ଭୂମିକା , ସହଭାଗିତା ଓ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଞ୍ଚା ସିନ ମୁଖ୍ୟ ଅତିଥି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ । ଉକ୍ତ ମେଳାରେ ପି ଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟ ପକ୍ଷରୁ ୧୨୧ ଟି ବିଜ୍ଞାନ ଭିତ୍ତିକ ଓ ନୂତନ ଜ୍ଞାନ କୌଶଳ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥି ମଧ୍ୟରୁ ଭାଗ ନେଇଥିବା ପି ଏମ୍ ଶ୍ରୀ ବିଦ୍ୟାଳୟ ର ମୋଟ ୫ ଟି ପ୍ରକଳ୍ପ ଏବଂ ଅନ୍ୟାନ୍ୟ ବିଦ୍ୟାଳୟର ୭ ଟି ପ୍ରକଳ୍ପ ସମେତ ବାଲ ବୈଜ୍ଞାନିକ ଙ୍କୁ ଅନୁଗୋଳ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ସକାଶେ ମନୋନୀତ କରାଯାଇଛି । ବିଚାରକ ମଣ୍ଡଳୀଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ପଣ୍ଡିତ ମୋହନ ଗଡ଼ନାୟକ, ଗଗନ ବିହାରୀ ସାହୁ, ପ୍ରଦୀପ କୁମାର ସାହୁ,ଶିକ୍ଷୟିତ୍ରୀ ସୌମ୍ୟ ସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପ୍ରକଳ୍ପ ଚୟନ କରିଥିଲେ। ସହକାରୀ ଶିକ୍ଷକ ମିଥୁନ କୁମାର ପ୍ରଧାନ ଓ ମହେଶ୍ୱର ସାହୁ ସଭା ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ସୁଜିତ କୁମାର ବିଶ୍ୱାଳ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ